

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୯ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 OCTOBER 2023

Vol.No. 34 ■ No. 283■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ହମାସ-ଇସ୍ରାଇଲ ଯୁଦ୍ଧ ବନ୍ଦ ନେଇ ଜାତିସଂଘରେ ପ୍ରସ୍ତାବ ପାରିତ

### ଭୋଟିଂରୁ ଦୂରେଇ ରହିଲେ ଭାରତ ସମେତ ୪୫ ଦେଶ

ନୂଆଦିଲ୍ଲୀ,୨୮/୧୦ : ହମାସ-ଇସ୍ରାଇଲ ଯୁଦ୍ଧ ବନ୍ଦ ନେଇ ଜାତିସଂଘରେ ପ୍ରସ୍ତାବ ପାରିତ ହୋଇଛି । କିନ୍ତୁ ଭାରତ ଏହି ପ୍ରସଙ୍ଗରେ ଭୋଟ ଦେବାରୁ ନିବୃତ ରହିଛି । ଜାତିସଂଘରେ ଥିବା ମୋଟ ୧୯୩ ଦେଶ ମଧ୍ୟରୁ ୧୨୦ ଦେଶ ଯୁଦ୍ଧ ବନ୍ଦ ଉପରେ ମତଦାନ କରିଥିବା ବେଳେ ୧୪ ଦେଶ ଏହା ବିରୋଧରେ ଭୋଟ ଦେଇଛନ୍ତି । ଭାରତ ସମେତ ୪୫ ଦେଶ ଭୋଟ ଦେବାରୁ ନିବୃତ ରହିଛନ୍ତି । ସେପଟେ ଭାରତ ସରକାରଙ୍କ ଆଭିମୁଖ୍ୟ ଉପରେ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି । ଆତଙ୍କୀ ସଂଗଠନ ହମାସର ବର୍ବରକାଣ୍ଡ ପରେ ଗାଜା ଉପରେ ପାଲଟା ଆକ୍ରମଣ ଚଳାଇଛି ଇସ୍ରାଏଲ । ଏଥିରେ ଗାଜା ଛାରଖାର ହେବାକୁ ବସିଲାଣି । ଗାଜାରେ ୭ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଥିବା ବେଳେ ଏଠାରେ ଏକ ବଡ଼ ମାନବୀୟ ସଙ୍କଟ ସୃଷ୍ଟି ହୋଇଛି । ଅନ୍ୟପଟେ ଗାଜାରେ ସ୍ଥଳଭାଗରେ ଅଭିଯାନ ବା ଗ୍ରାଉଣ୍ଡ ଅପରେସନ ପାଇଁ ଇସ୍ରାଏଲ ସେନା ପ୍ରସ୍ତୁତ ହେଉଛି । ଯୁଦ୍ଧ ବଢ଼ିଚାଲିଥିବା ବେଳେ ଶାନ୍ତି ପାଇଁ ମିଳିତ ଜାତିସଂଘରେ ପ୍ରୟାସ ଆରମ୍ଭ ହୋଇଛି । ଜାତିସଂଘର ସାଧାରଣ ପରିଷଦରେ ଏକ ସଂକଳ୍ପ ପାରିତ ହୋଇଛି । ଗାଜାକୁ ମାନବୀୟ ସହାୟତା ଦାବି କରି ଏହି ସଂକଳ୍ପ ଅଣାଯାଇଥିଲା । ହେଲେ ଯେଉଁ ସଂକଳ୍ପପତ୍ର ପ୍ରସ୍ତୁତ ହୋଇଥିଲା, ଏଥିରେ କିଛି ବଡ଼ ତ୍ରୁଟି ରହିଥିବା ଦେଖିବାକୁ ମିଳିଛି । ଫଳରେ ଏନେଇ ଭୋଟିଂ ବେଳେ ଭାଗ ନେଇନଥିଲା ଭାରତ । ଗାଜା ସମ୍ପର୍କିତ ଯେଉଁ ସଂକଳ୍ପପତ୍ର ଅଣାଯାଇଥିଲା, ଏହାକୁ ଆଗତ କରିଥିଲା ଜୋର୍ଡାନ, ଆଉ ଏହାକୁ ସମର୍ଥନ କରିଥିଲା ଆମେରିକା । ଏଥିରେ ଯୁଦ୍ଧବିରତି ପାଇଁ ଦାବି କରାଯାଇଥିଲା, ଫଳରେ ଗାଜାକୁ ମାନବୀୟ ସହାୟତା ପହଂଚି ପାରିବ । ଖାଦ୍ୟ, ପାନୀୟ, ଇନ୍ଧନ ଓ ଔଷଧ ପରି ଅତ୍ୟାବଶ୍ୟକ ଜିନିଷ ଗାଜାରେ ସହଜରେ ପହଂଚି ପାରିବ । ହେଲେ ଏଥିରେ ହମାସର ଆତଙ୍କୀ ଆକ୍ରମଣ ବିଷୟରେ କିଛି ଲେଖାଯାଇନଥିଲା । ଅବଶ୍ୟ ପରେ ଆମେରିକା ଏଥିରେ ସଂଶୋଧନ ଆଣି ହମାସର ଘୃଣ୍ୟ କାର୍ଯ୍ୟକୁ ନିନ୍ଦା କରିବା ବିଷୟରେ ଉଲ୍ଲେଖ ପାଇଁ ଦାବି ଉଠାଇଥିଲା । ଆଉ ଏହା ହିଁ ବିବାଦର ମୂଳ କାରଣ ଥିଲା । ଫଳରେ ଏହି ସଂକଳ୍ପ ନେଇ ଯେତେବେଳେ ଭୋଟିଂ ହେଲା, ଭାରତ ଦୂରେଇ ରହିଲା । ଭାରତ ଦୂରେଇ ରହିବାର କାରଣ ମଧ୍ୟ ସ୍ପଷ୍ଟ କରିଛି । ଆତଙ୍କବାଦ ବିଷୟରେ ସଂକଳ୍ପପତ୍ର ଲେଖା ନଯିବା ବିଷୟରେ ଇସାରାରେ ସୂଚାଇ ଦେଇଛି ଭାରତ । ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲରେ ଯେଉଁ ବର୍ବରକାଣ୍ଡ ଘଟାଇଲା, ତାହା ଅତି ଜଘନ୍ୟ ଓ ଘୃଣ୍ୟ, ତେଣୁ ଏହାକୁ ଯେତେ ନିନ୍ଦା କରାଗଲେ ବି କମ୍ ହେବ ବୋଲି କହିଛି ଭାରତ । ଏହାସହ ହମାସ୍ ପଣବନ୍ଦୀମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଭାରତ ଦାବି କରିଛି । ଭାରତ ପୁଣି ଥରେ ସାରା ବିଶ୍ୱକୁ ଆତଙ୍କବାଦର ଭୟାବହତା ବିଷୟରେ ସୂଚାଇ ▶▶ପୃଷ୍ଠା ୭

## ଟଙ୍କା ଫେରି ପାଇବେ ଦୁଇଟି ଚିଟ୍‌ଫଣ୍ଡ ସଂସ୍ଥାର କ୍ଷୁଦ୍ର ଜମାକାରୀ



ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଚିଟ୍‌ଫଣ୍ଡ ସଂସ୍ଥା ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଓ ଜି. ଏଲ୍. ପି ଡେଭଲପର୍ସର କ୍ଷୁଦ୍ର ଜମାକାରୀଙ୍କ ପାଇଁ ଖୁସି ଖବର । ଆଠ ହଜାର କିମ୍ବା ତା' ଠାରୁ କମ୍ ଜମା କରିଥିବା ଜମାକାରୀଙ୍କୁ ଫେରସ୍ତ ହେବ ସେମାନଙ୍କ ଟଙ୍କା । ଉଭୟ ସଂସ୍ଥାର ଚିହ୍ନଟ ହୋଇଥିବା ମୋଟ ୨ଲକ୍ଷ ୫୯ ହଜାର ୨୮୦ ଜଣ ଜମାକାରୀଙ୍କୁ ୯୨ କୋଟି ୫୮ ଲକ୍ଷ ୭୮ ହଜାର ୨୦୧ ଟଙ୍କା ଫେରସ୍ତ ଦେବାକୁ କଟକ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଉଭୟ ସଂସ୍ଥାର ସ୍ଥାବର ଓ ଆସ୍ଥାବର ସମ୍ପତ୍ତି ନିଲାମ କରି୍ବା ପରେ ବିକ୍ରିଲବ୍ଧ ଅର୍ଥ କ୍ଷୁଦ୍ର ଜମାକାରୀଙ୍କ ମଧ୍ୟରେ ବାଣ୍ଟିବାକୁ କଟକ ସ୍ୱତନ୍ତ୍ର କ୍ଷମତାପ୍ରାପ୍ତ ଅଧିକାରୀ ତଥା ଏଡିଏମଙ୍କ ଆବେଦନ ଉପରେ ଶୁଣାଣି କରି ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି । ଉଭୟ ସଂସ୍ଥାର ସମ୍ପତ୍ତି ନିଲାମ ପରେ ମୋଟ ୮୮ କୋଟି ୮୧ ଲକ୍ଷ ୭୮ ହଜାର ୧୦୧୦ଟଙ୍କା ମିଳିଥିବା ବେଳେ ଏହା ଏବେ ସୁଧ ସହ ୧୦୨ କୋଟି ୧୭ ଲକ୍ଷ ୭୫ ହଜାର ୬୯୦ ଟଙ୍କା ହୋଇଛି ଓ ବ୍ୟାଙ୍କରେ ଜମା ରହିଛି ବୋଲି ଏଡିଏମ ତାଙ୍କ ଆବେଦନରେ ଜଣାଇଥିଲେ । ଜମାଟଙ୍କା ଫେରିପାଇବା ପାଇଁ ଉଭୟ ସଂସ୍ଥାର ମୋଟ ୪,୭୬, ୧୦୨ ଜଣ ▶▶ପୃଷ୍ଠା ୭

## ୧ରୁ ୩ ତାରିଖ ଯାଏ ପୁଣି ବର୍ଷା

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଆଗାମୀ ୪ ଦିନ ପାଗ ସାଧାରଣତଃ ଶୁଖିଲା ରହିବ । ତେବେ ବଙ୍ଗୋପସାଗରରୁ ଆସୁଥିବା ଜଳୀୟ ବାଷ୍ପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ କିଛି ଜିଲ୍ଲାରେ ୧ ରୁ ୩ ତାରିଖ ଯାଏଁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏଥିସହ ଆଭ୍ୟନ୍ତରୀଣ ଓଡ଼ିଶାରେ କେତେକ ଜିଲ୍ଲାରେ କୁହୁଡି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନକରିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଗତ ୨୪ ଘଣ୍ଟାରେ ରାଜ୍ୟରେ କେତେକ ଜିଲ୍ଲାରେ ସାମାନ୍ୟ ବର୍ଷା ହୋଇଛି । ଯାଜପୁର ଜିଲ୍ଲାରେ ୧୦ ମିଲିମିଟର ବର୍ଷା ହୋଇଥିବା ବେଳେ ମୟୂରଭଞ୍ଜ ଶୁଳିଆପଦାରେ ୬ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଏଥିସହ ରାତିର ତାପାମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଜି.ଉଦୟଗିରିଠାରେ ୧୩ ଡିଗ୍ରୀ ସେଲ୍‌ସିୟସ୍, ଫୁଲବାଣୀରେ ୧୪ ଡିଗ୍ରୀ, କୋରାପୁଟ୍‌ରେ ୧୪ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୧୪ ଡିଗ୍ରୀ, କିରେଇରେ ୧୪.୪ ଡିଗ୍ରୀ, ସେମିଲିଗୁଡ଼ାରେ ୧୫ ଡିଗ୍ରୀ, ଅନୁଗୋଳରେ ୧୬ ଡିଗ୍ରୀ, ଭବାନୀପାଟଣାରେ ୧୬ ଡିଗ୍ରୀ, କେନ୍ଦୁଝରରେ ୧.୪, ସୋନପୁରରେ ୧୬.୯ ଡିଗ୍ରୀ, ନବରଙ୍ଗପୁରରେ ୧୭.୪ ଡିଗ୍ରୀ ଓ ରାଉରକେଲାରେ ୧୮.୨ ଡିଗ୍ରୀ ସେଲ୍‌ସିୟସ୍ ରାତିର ତାପମାତ୍ରା ରେକର୍ଡ କରାଯାଇଛି ।

## ହଟିବ ଭଙ୍ଗା ବଗି ଓ ଇଞ୍ଜିନ: ନିଲାମ ପରେ ସ୍କ୍ରାପିଂ ପ୍ରକ୍ରିୟା ଆରମ୍ଭ

ବାଲେଶ୍ୱର, ୨୮/୧୦ (ନି.ପ୍ର): ବାହାନଗା ଷ୍ଟେସନରୁ ହଟିବ ଦୁର୍ଘଟଣାଗ୍ରସ୍ତ ଟ୍ରେନ୍ ବଗି ଏବଂ ଇଞ୍ଜିନ୍ । ସ୍କ୍ରାପ୍ ହେବ ୨୩ଟି ବଗି ସହ ଇଞ୍ଜିନ୍ । ନିଲାମ ପରେ ପ୍ରକ୍ରିୟା ଆରମ୍ଭ ହୋଇଛି । ୩ କୋଟି ୮୨ ଲକ୍ଷ ଟଙ୍କାରେ ଏହାକୁ ନିଲାମ ନେଇଛି ହାଓ୍ୱଡ଼ାର ମୋହିତ ଷ୍ଟିଲ୍ସ । ନିଲାମ ନେଇଥିବା କମ୍ପାନୀର ଶତାଧିକ କର୍ମଚାରୀ ଘଟଣାସ୍ଥଳରେ ଶନିବାର କାମ ଆରମ୍ଭ କରିଛନ୍ତି । ଗ୍ୟାସ୍ କଟର ସାହାଯ୍ୟରେ ଭଙ୍ଗା ବଗିଗୁଡିକୁ କାଟୁଛନ୍ତି । ଭାଙ୍ଗିରୁଜି ଯାଇଥିବା କିଛି ବଗି ବିଲ କାଦୁଅରେ ପଡିଛି । ବାହାନଗା ଷ୍ଟେସନରୁ ଏଗୁଡ଼ିକୁ ହଟାଇବା ପାଇଁ ମାସେରୁ ଅଧିକ ସମୟ ଲାଗିବ ବୋଲି ମୋହିତ ଷ୍ଟିଲ୍ସର ସୁପରଭାଇଜର କହିଛନ୍ତି । ଡିସେମ୍ବର ୧ ସୁଦ୍ଧା ଭଙ୍ଗା ବଗି, ଇଞ୍ଜିନକୁ ସ୍ଥାନାନ୍ତର ପାଇଁ ରେଲୱେ ପକ୍ଷରୁ ଡେଡ୍ ଲାଇନ୍ ଦିଆଯାଇଛି । ଗତ ଜୁନ୍ ୨ ତାରିଖ ସନ୍ଧ୍ୟାରେ ବାହାନଗା ଷ୍ଟେସନରେ ଘଟିଥିଲା ଭୟଙ୍କର ଦୁର୍ଘଟଣା । ▶▶ପୃଷ୍ଠା ୭

## ଥାନା ଭିତରେ ମହିଳା ଆଇଆଇସିଙ୍କୁ ବ୍ଲେଡ୍‌ରେ ଆକ୍ରମଣ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ମନ୍ଦିର ଚୋରି ଅଭିଯୋଗରେ ପଚରାଉଚରା ପାଇଁ ଥାନାକୁ ଡାକିଥିଲା ପୁଲିସ୍ । ହେଲେ ଏକୁଟିଆ ସୁଯୋଗ ପାଇ ଥାନା ଭିତରେ ମହିଳା ଆଇଆଇସିଙ୍କୁ ବ୍ଲେଡ୍‌ରେ ଆକ୍ରମଣ କଲା ଅଭିଯୁକ୍ତ । ମୟୂରଭଞ୍ଜ ଜିଲ୍ଲାରୁ ଆସିଛି ଏପରି ଅଭିଯୋଗ । ବିଶୋଇ ଥାନା ଅଞ୍ଚଳରେ ଏକ ମନ୍ଦିର ହୁଣ୍ଡିରୁ ଚୋରି ହୋଇଥିଲା । ଗତ ୨୬ ତାରିଖରେ ଏନେଇ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତିକରି ପୁଲିସ୍ ଶୁକ୍ରବାର ସନ୍ଧ୍ୟାରେ ମନ୍ଦିର ସେବାୟତ ସୁଶାନ୍ତ ଦେଓକୁ ଥାନାକୁ ଆଣି ଘନଘନ ଜେରା କରିଥିଲା । ପରେ ତାଙ୍କୁ ଥାନାରେ ଅଟକ ରଖିଥିଲା । ଶ୍ରୀ ଦେଓ ଥାନା ପରିସରରେ ଥିବା ବେଞ୍ଚରେ ବସିଥିଲା । ରାତି ୯ଟା ବେଳେ ମନ୍ଦିର ଚୋରି ଅଭିଯୋଗରେ ଆଉ ଜଣେ ଅଭିଯୁକ୍ତକୁ ଧରିବା ପାଇଁ ଥାନା ଅଧିକାରୀ ଓ ତାଙ୍କ ଟିମ୍ ଯାଇଥିଲେ । ▶▶ପୃଷ୍ଠା ୭

## ହବିଷ୍ୟାଳୀ ଶିବିରରେ ପଡ଼ିଛି ମଦ ବୋତଲ

ପୁରୀ, ୨୮/୧୦ (ନି.ପ୍ର): ହବିଷ୍ୟାଳୀ ଶିବିରରେ ପଡ଼ିଛି ମଦ ବୋତଲ । ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ପୁରୀ ବୃନ୍ଦାବତୀ ନିବାସର ସପ୍ତମ ମହଲାରେ । ଯେଉଁଠି ହବିଷ୍ୟାଳୀମାନେ ରହିବେ, ସେଠାରେ ମଦ ▶▶ପୃଷ୍ଠା ୭

## ୧୦ ହଜାର ଟଙ୍କା ଚୋରି ହୋଇଥିଲା: ପୁଲିସ ଫେରାଇଲା ୨୬ ଲକ୍ଷ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ୧୦ ହଜାର ଟଙ୍କା ଚୋରି ନେଇ ଅଭିଯୋଗ ହୋଇଥିଲା । ହେଲେ କମିଶନରେଟ୍ ପୁଲିସ ଫେରାଇଲା ୨୬ ଲକ୍ଷ ଟଙ୍କା । ୪ ଚୋରଙ୍କୁ ମଧ୍ୟ ଗିରଫ କରିଥିଲାଲେ । ଆଶ୍ଚର୍ଯ୍ୟ ଲାଗିଥିଲେ ମଧ୍ୟ ଘଟଣାଟି ସମ୍ପୂର୍ଣ୍ଣ ସତ । ରାଜଧାନୀ ଭୁବନେଶ୍ୱରରୁ ଆସିଛି ଅଭିଯୋଗ । ଖଣ୍ଡଗିରି ଥାନା ପୁଲିସ୍ ୪ ଚୋରଙ୍କୁ ଗିରଫ କରିଥିବା ବେଳେ ଟଙ୍କା ଜବତ କରିଛି । ଖଣ୍ଡଗିରି ପ୍ରକୃତି ବିହାରରେ ରହୁଛନ୍ତି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ହାଡ଼ିବନ୍ଧୁ ବେହେରା । ଗତ ୧୬ ତାରିଖରେ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗରେ ଦର୍ଶାଇଥିଲେ, ତାଙ୍କ ପରିବାର ▶▶ପୃଷ୍ଠା ୭

## ସତ ମାନିଲେ ମହୁଆ: ହିରାନନ୍ଦାନୀଙ୍କୁ ଲଗ୍‌ଇନ୍ ପାସୱାର୍ଡ ଦେଇଥିଲେ

ନୂଆଦିଲ୍ଲୀ,୨୮/୧୦ : ପଦାକୁ ଆସିଲା ସତ! ବିଜେପି ସାଂସଦ ନିଶିକାନ୍ତ ଦୁବେ ଅଭିଯୋଗ ଆଣିବା ପରେ ମମତାଙ୍କ ଘନିଷ୍ଠ ସହଯୋଗୀ ତଥା ଟିଏମ୍‌ସି ନେତ୍ରୀ ମହୁଆ ମୋଇତ୍ରା ଶେଷରେ ମାନିଛନ୍ତି ସତ । ସେ ଲୋକସଭାରୁ ତାଙ୍କ ପାଇଁ ଦିଆଯାଇଥିବା ୟୁଜର ଆଇଡି ଓ ପାସୱାର୍ଡ ହିରାନନ୍ଦାନୀଙ୍କୁ ଦେଇଥିବା ସ୍ୱୀକାର କରିଛନ୍ତି । ଯାହାଙ୍କ ପାଖରୁ ଲୋକସଭାରେ ଶିଳ୍ପପତି ଗୌତମ ଅଦାନୀ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିବା ପାଇଁ ଯେଉଁ ପ୍ରଶ୍ନ ଉଠାଉଥିଲେ, ସେଥିପାଇଁ ସେ ଲାଞ୍ଚ ଆଣିଥିବା ଅଭିଯୋଗ ରହିଛି । ଲୋକସଭା ସାଂସଦ ମହୁଆ ଶୁକ୍ରବାର ଦେଇଥିବା ଏକ ସାକ୍ଷାତକାରରେ ଏହି ସତ ମାନିଛନ୍ତି । ଏଥିସହ ପଚରାଉଚରା ମାମଲାରେ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ ସେ କରିଛନ୍ତି । ସେ କହିଛନ୍ତି ଯେ ଯେକେହି ଅଭିଯୋଗ କରିପାରିବେ, କିନ୍ତୁ ଏହାକୁ ପ୍ରମାଣ କରିବାର ସମର୍ଥ ସର୍ବଦା ଅଭିଯୋଗକାରୀଙ୍କ ପାଖରେ ଅଛି । ମହୁଆ କହିଛନ୍ତି, ସେ ତାଙ୍କ ସଂସଦର ଲଗଇନ ଏବଂ ପାସୱାର୍ଡ ବ୍ୟବସାୟୀ ଦର୍ଶନ ହିରାନନ୍ଦାନୀଙ୍କୁ ▶▶ପୃଷ୍ଠା ୭

## ଓଲିଉଡ୍ କଳିରେ ଏଣ୍ଟ୍ରୀ ମାରିଲେ ନରସିଂହ: ନାପସନ୍ଦ କଲେ କଳାକାର ଓ ରାଜନେତା

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଓଡ଼ିଶା ଫିଲ୍ମ ଇଣ୍ଡଷ୍ଟ୍ରୀରେ ପଶିଲା ପଲିଟିକ୍ସ । ଅଭିନେତା ମନୋଜ ମିଶ୍ରଙ୍କୁ ବ୍ୟାନ ବିବାଦରେ ବଲାଙ୍ଗିର ବିଧାୟକଙ୍କ ଏଣ୍ଟ୍ରି । ନିଆଁରେ ଘିଅ ଢାଳିଲେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର । ବ୍ୟାନକୁ ପ୍ରତ୍ୟାହାର ନକଲେ ଓଡ଼ିଶା ଦୁଇ ଫାଳ ହେବ ବୋଲି ଚେତାବନୀ ଦେଲେ । ଅବସର ଥିଲା ବଲାଙ୍ଗିର ଭରସୁଜାର ଛେଲିଆପାଟ୍ ଉତ୍ସବ । ନରସିଂହଙ୍କ ଡାହାଣରେ ଥିଲେ ବିବାଦର ଚକ୍ରବ୍ୟୁହରେ ଫସିଥିବା ଅଭିନେତା ମନୋଜ ମିଶ୍ର । ବାମ ପାଖରେ ଥିଲେ ମନ୍ତ୍ରୀ ରୀତା ସାହୁ । ଉଭୟଙ୍କ ମଝିରେ ଛିଡ଼ା ହୋଇ ଓଡ଼ିଶା ଦୁଇ ଭାଗ ହୋଇଯିବ ବୋଲି ମନ୍ତବ୍ୟ ଦେଇଥିଲେ ବରିଷ୍ଠ କଂଗ୍ରେସ ବିଧାୟକ ନରସିଂହ ମିଶ୍ର । ଆଜି ମଧ୍ୟ ସେହି ବୟାନରେ କାୟମ୍ ରହି, ବିଭିନ୍ନ ପ୍ରସଙ୍ଗ ଓ ପ୍ରକଳ୍ପ କଥା ଉଠାଇ, ଓଡ଼ିଶା ଭାଗ ଭାଗ ହେଲେ ସରକାର ଦାୟୀ ରହିବେ ବୋଲି କହିଥିଲେ । ନରସିଂହଙ୍କ ମନ୍ତବ୍ୟକୁ ନାପସନ୍ଦ କରିଥିଲେ ମନ୍ତ୍ରୀ ରୀତା ସାହୁ । ସେପଟେ ଆଜି ପୁଣି ବିଷ ଉଦଗାରିଛନ୍ତି ଅଭିନେତା ମନୋଜ । କହିଛନ୍ତି, ଫିଲ୍ମ ଇଣ୍ଡଷ୍ଟ୍ରୀ ସାରା ଓଡ଼ିଶାର । ▶▶ପୃଷ୍ଠା ୭

## ଇସ୍ରାଏଲ ସେନାର ବଡ ଖୁଲାସା: ଗାଜାର ସବୁଠୁ ବଡ ହସ୍ପିଟାଲ ତଳେ ଅଣ୍ଡରଗ୍ରାଉଣ୍ଡ ଶିବିର କରି ଯୁଦ୍ଧ ପରିଚାଳନା କରୁଛି ହମାସ

ନୂଆଦିଲ୍ଲୀ, ୨୮/୧୦ : ହମାସକୁ ମୂଳପୋଛ କରିବା ପାଇଁ ପ୍ରତିଜ୍ଞା ନେଇଛି ଇସ୍ରାଏଲ । ତେଣୁ ଗାଜାରେ ଅତର୍କିତ ଆକ୍ରମଣ ଜାରି କରିଛି ଇସ୍ରାଏଲ ସେନା । ଏହା ଭିତରେ ଚାଂଚଲ୍ୟକର ଖୁଲ୍ଲାସା କରିଛି ଆଇଡିଏଫ । ଗାଜାର ସବୁଠୁ ବଡ ହସପିଟାଲରେ ତଳେ ରହିଛି ହମାସ ଅଣ୍ଡରଗ୍ରାଉଣ୍ଡ ଆଡ୍ଡା । ଯାହା ଅସ୍ତ୍ରଶସ୍ତ୍ରରେ ଭରପୂର ରହିଛି । ଏନେଇ ଏକ ପ୍ରତିକାତ୍ମକ ଭିଡିଓ ଜାରି କର ସୂଚନା ଦେଇଛି ଇସ୍ରାଏଲ ସେନା । ଆଇଡିଏଫ କହିଛି ଏହା ହମାସା ମୁଖ୍ୟାଳୟ ଓ ଏଠାରୁ ହିଁ ହମାସର ସବୁ ଅପରେସନ ପରିଚାଳିତ କରୁଛି । ଅଲ-ଶିଫା ହେଉଛି ଗାଜାର ସବୁଠୁ ବଡ ହସପିଟାଲ । ସାଧାରଣ ନାଗରିକଙ୍କୁ ଢାଲ କରିଛି ହମାସ । ଆକ୍ରମଣ ଆଶଙ୍କା ଭିତରେ ହସ୍ପିଟାଲକୁ ସବୁଠୁ ଅଧିକ ସୁରକ୍ଷିତ ସ୍ଥାନଭାବେ ବାଛିଛି । ତେଣୁ ହସ୍ପିଟାଲ ତଳେ ଅସ୍ତ୍ରଶସ୍ତ୍ର ଭର୍ତି ଆଡ୍ଡା ନିର୍ମାଣ କରି ଇସ୍ରାଏଲ ସେନାକୁ ଚକମା ଦେବାକୁ ଯୋଜନା କରିଛି ହମାସ । ଯୁଦ୍ଧରେ ବେସାହାର ପ୍ରାୟ ୪୦ହଜାର ଲୋକମାନେ ଏହି ହସ୍ପିଟାଲରେ ଶରଣ ନେଇଛନ୍ତି ।

# ବିଭିନ୍ନ ରାଜନୈତିକ ଦଳଙ୍କୁ ପ୍ରଦାନ କରାଗଲା ଇଂଟେଗ୍ରେଟେଡ ଡ୍ରାଫ୍ଟ ଇଲେକ୍ଟ୍ରାଲ ରୋଲ-୨୦୨୪

ମାଲକାନଗିରି, ୨୮/୧୦ (ନି.ପ୍ର): ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୪ ଅଧୀନରେ ପ୍ରାପ୍ତ ହୋଇଥିବା ଦାବି ଓ ଆପତି କିମ୍ବା ଅଭିଯୋଗ ତଥ୍ୟକୁ ବିଭିନ୍ନ ରାଜନୈତିକ ଦଳକୁ ପ୍ରଦାନ କରାଯାଇଛି । ଆଗାମୀ ୨୦୨୪ରେ ଉଭୟ ଲୋକସଭା ଓ ବିଧାନସଭା ନିମନ୍ତେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ତେଣୁ ଏଥିରେ ସହଯୋଗ କରିବା ପାଇଁ ଜିଲ୍ଲା ପରିଷଦ ସମ୍ମୀଳନୀ କକ୍ଷ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ବିଶାଲ ସିଂ ଯୋଗ ଦେଇ ଉପସ୍ଥିତ ସମସ୍ତ ରାଜନୈତିକ ଦଳ ଏବଂ ଜନସାଧାରଣ ଙ୍କୁ ଆହ୍ୱାନ କରିଛନ୍ତି । ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ, ନଭେମ୍ବର ୫, ୧୧, ୧୯ ଓ ୨୫ ରେ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯିବ ଏବଂ ଅଧିକରୁ ଅଧିକ ଭୋଟରଙ୍କୁ ପଞ୍ଜିକରଣ ନିମନ୍ତେ ସଚେତନ କରାଯିବ । ସେହିପରି ଜିଲ୍ଲା ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ଡଃ ଅକ୍ଷୟ କୁମାର ଖେମୁଣ୍ଡୁ ଏହି କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରି କହିଛନ୍ତି ଯେ ଜିଲ୍ଲାରେ ମହିଳା ଭୋଟରଙ୍କ ଅନୁପାତ ବୃଦ୍ଧି ପାଇଛି ଯାହା ଗଣତନ୍ତ୍ର ପାଇଁ ଏକ ଶୁଭଙ୍କର ସୂଚନା । ଜିଲ୍ଲାର ସମ୍ବେଦନଶୀଳ ଆଦିମ ଜନଜାତି, କିନ୍ନର, ଏବଂ ଅନ୍ୟାନ୍ୟ ଶ୍ରେଣୀର ନାଗରିକଙ୍କୁ ପଞ୍ଜିକରଣ ନିମନ୍ତେ ସଚେତନ କରି ଉକ୍ତ ଭୋଟରଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି ବୋଲି ଡଃ ଖେମୁଣ୍ଡୁ ସୂଚନା ଦେଇଛନ୍ତି । ସୂଚନା ଥାଉ କି, ଜିଲ୍ଲାରେ ବର୍ତମାନ ୪ ଲକ୍ଷ ୪୫ ହଜାର ୪୩ ଜଣ ଭୋଟର ରହିଛନ୍ତି । ଅକ୍ଟୋବର ୨୭ରୁ ଡ଼ିସେମ୍ବର ୯ ପର୍ଯ୍ୟନ୍ତ ରାଜନୈତିକ ଦଳମାନେ ସମସ୍ତ ଦାବି ଓ ଅଭିଯୋଗ ଦାଖଲ କରି ପାରିବେ । ୫ ଜାନୁଆରୀ ୨୦୨୪ରେ ଇଲେକ୍ଟରାଲ ରୋଲ ପ୍ରକାଶନ କରାଯିବ ବୋଲି ଆଜି ଏଠାରେ ସୂଚନା ଦିଆଯାଇଛି । ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୪୨ ହଜାର ୧୨୩ ଜଣ ଏବଂ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୨ ହଜାର ୯୨୦ ଜଣ ଭୋଟର ରହିଛନ୍ତି । ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୨୩ ହଜାର ୧୯୩ ମହିଳା ଭୋଟର ଥିବା ବେଳେ ୧ ଲକ୍ଷ ୧୮ ହଜାର ୮୯୭ ପୁରୁଷ ଭୋଟର ଅଛନ୍ତି । ସେହିପରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୫ ହଜାର ୮୯୮ ମହିଳା ଭୋଟର ଥିବା ବେଳେ ୯୭ ହଜାର ୯ ଜଣ ପୁରୁଷ ଭୋଟର ଅଛନ୍ତି । ରାଜନୈତିକ ଦଳ ମଧ୍ୟରେ ବିଜେପି ପକ୍ଷରୁ ସଞ୍ଜୟ ପ୍ରଧାନ, ବିଜେଡି ପକ୍ଷରୁ ଧନୁର୍ଜୟ ମାଡ଼କାମୀ, ସିପିଆଇ (ଏମ୍) ପକ୍ଷରୁ ବ୍ରଜ ମାଝୀ, ବିଏସପି ପକ୍ଷରୁ ଜାରାଶବର ମାଡୀ ଏବଂ ଆପ୍ ପକ୍ଷରୁ କେ ଦେଶୀ ରାଜୁ ଆଚାରୀ ଉପସ୍ଥିତ ଥିଲେ । ସେହିପରି କାର୍ଯ୍ୟକ୍ରମରେ ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗି, ଅଶୋକ ଚକ୍ରବର୍ତୀ ଏବଂ ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ତାଲିମ ଶିବିର ଉଦ୍‌ଘାଟିତ

ଭୁବନ, ୨୮/୧୦ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲାର ଆଦିବାସୀ ଅଧୁଷିତ ଅଂଚଳ କଙ୍କଡ଼ାହାଡ଼ ବ୍ଲକ ସଭାଗୃହ ଠାରେ ୧୨ ଦିନିଆ ଉଦ୍ୟମିତା ବିକାଶ କାର୍ଯକ୍ରମ(ତାଲିମ ଶିବିର) ଉଦଘାଟିତ ହୋଇଯାଇଛି । ଶିଳ୍ପ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଆନୁକୂଲ୍ୟରେ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ର, ଢେଙ୍କାନାଳ ଓ ଜଗବନ୍ଧୁ ଜରାଶ୍ରମ ଭୁବନ ସହଯୋଗରେ ବିଡ଼ିଓ ଯଶୋବନ୍ତ ଦେହୁରୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ତାଲିମ ଶିବିର ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପ୍ରମୋଦ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କଙ୍କଡ଼ାହାଡ଼ କୁନିଅର କଲେଜ ଅଧକ୍ଷ ପ୍ରସନ୍ନ କୁମାର ସାହୁ, ଓଡ଼ିଶା ଜୀବିକା ମିଶନ ଅଧିକାରିଣୀ ଶ୍ରୀମତୀ ସରିତା ବେହେରା, ମଙ୍ଗଳ ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ୟୁକୋ ବ୍ୟାଙ୍କ ମ୍ୟାନେଜର ବିଜନ ଜଗନ୍ନାଥ ଶତପଥୀ,ମୁଖ୍ୟବକ୍ତା ଭାବେ ଉଦ୍ୟମୀତା ବିକାଶ ଆଂଚଳିକ ଅଧିକାରୀ ଡ ସୁବ୍ରତ କୁମାର ବିଶ୍ୱାଳ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ୧୨ ଦିନିଆ ତାଲିମ ଶିବିରରୁ ଉତମ ଜ୍ଞାନ ଆହରଣ କରି ସଫଳ ଶିଳ୍ପୋଦ୍ୟୋଗୀ ହେବା ସହିତ ରାଜ୍ୟ ଓ ଦେଶର ଆର୍ଥିକ ପ୍ରଗତି ରେ ସାମିଲ ହେବାକୁ ମାର୍ଗ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ବର୍ଗର ୫୦ରୁ ଉର୍ଦ୍ଧ ପ୍ରଶିକ୍ଷାର୍ଥୀ ୧୨ ଦିନିଆ ଟ୍ରେନିଂ ଶିବିରରେ ଅଂଶଗ୍ରହଣ ପାଇଁ ପଞ୍ଜିକୃତ ହୋଇ ପ୍ରଶିକ୍ଷଣ ନେଇଥିଲେ । ଏହି ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ସୂଚନ ଯଥା- ବ୍ୟାଙ୍କ କାରବାର, ଶିଳ୍ପ ସ୍ଥାପନା ପାଇଁ ଆନୁସଙ୍ଗିକ ଜ୍ଞାନ, କୌଶଳ, ଗ୍ରାହକମାନଙ୍କୁ କିପରି ଆକୃଷ୍ଟ କରାଯିବ, ଟ୍ୟାକ୍ସ ସମ୍ବନ୍ଧୀୟ ଜ୍ଞାନ କୌଶଳ ଇତ୍ୟାଦି ସଂପକ୍ରରେ ଟ୍ରେନିଂ ଦିଆଯିବ । ଉକ୍ତ ଶିବିରକୁ ଓଡିଶାର ଦିତୀୟ ପର୍ବତ ରାଣୀ ତଥା "ଜଗବନ୍ଧୁ ଜରାଶ୍ରମ"ର ଷ୍ଟେଟ ପ୍ରୋଜେକ୍ଟ କୋର୍ଡିନେଟର ସୁଶ୍ରୀ ବିଭାରାଣୀ ପାତ୍ର ଏବଂ ଯୁବ ଶିଳ୍ପୋଦ୍ୟୋଗୀ ତଥା ସମାଜ ସେବୀ ପ୍ରଦୀପ ବେହେରା ପରିଚାଳନା କରିଥିଲେ । ଜଗବନ୍ଧୁ ଜରାଶ୍ରମ ସମ୍ପାଦକ ଆଶୁତୋଷ ମିଶ୍ର କାର୍ଯକ୍ରମର ସଫଳ ରୂପାୟନ ନିମନ୍ତେ ଉପସ୍ଥିତ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସହଯୋଗ କରିବା ସହିତ ଏହି ତାଲିମ ଶିବିରରେ ଅଧିକରୁ ଅଧିକ ଶିଳ୍ପ ଦ୍ୟୋଗୀ ସୃଷ୍ଟି ହୋଇ ନିଜର ତଥା ପରିବାରର ଏବଂ ସମାଜରେ ଆର୍ଥିକ ସ୍ୱାବଲମ୍ବି ହୋଇ ନିଜର ସ୍ଥିତି ସୁଦୃଢ କରିବା ସହିତ ଏକ ସୁସ୍ଥ, ସୁନ୍ଦର ସମାଜ ଗଠନ କରିବା ପାଇଁ ପରାମର୍ଶ ଦେବାସହ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପୁରୀ ଜିଲ୍ଲାରୁ ମାଟି କଳସ ଦିଲ୍ଲୀ ପଠାଗଲା

ପୁରୀ, ୨୮/୧୦ (ନି.ପ୍ର): ପୁରୀ ଜିଲ୍ଲାରୁ ମେରା ମାଟି ମେରା ଦେଶ ଯୋଜନା ଆଧାରରେ ସମସ୍ତ ୧୧ ଗୋଟି ବ୍ଲକରୁ ସଂଗୃହିତ ମାଟିକୁ ଦିଲ୍ଲୀ ପଠାଯାଇଛି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ ଭବତାରଣ ସାହୁ ଏହି ଅମୃତ କଳସକୁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ ଓ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ବାସୁଦେବ ସେନାପତିଙ୍କୁ ହସ୍ତାନ୍ତର କରିଥିଲେ । ଏହି କଳସ ଭୁବନେଶ୍ୱରରେ ପହଂଚିବା ପରେ ଆଜି ଅପରାହ୍ନରେ ଏକ ସ୍ୱତନ୍ତ୍ର ଟ୍ରେନରେ ଦିଲ୍ଲୀ ପ୍ରେରଣ କରାଯିବ ।

# ବଲାଙ୍ଗିର ଜିଲ୍ଲାର ସଡ଼କ ସୁରକ୍ଷା ସମରିଟାନ ବୈଠକ

ବଲାଙ୍ଗିର, ୨୮/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା ସମରିଟାନ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧକ୍ଷିକ, ବଲାଙ୍ଗିର, ଉପ ଜିଲ୍ଲାପାଳ ବଲାଙ୍ଗିର/ ଟିଟିଲାଗଡ, ଆଂଚଳିକ ପରିବହନ ଅଧିକାରୀ, ବଲାଙ୍ଗିରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକର ପ୍ରାରମ୍ଭରେ କିଛି ବ୍ୟକ୍ତି ବିଶେଷ ମାନଙ୍କୁ "ଗୁଡ୍ ସମରିତାନ୍ " ପୁରସ୍କାର ବିତରଣ କରାଗଲା ଯେଉଁମାନେ କି ବିଭିନ୍ନ ସମୟରେ ସଡକ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତି କରାଇ ଆହତ ବ୍ୟକ୍ତିଙ୍କ ଜୀବନ ରକ୍ଷା ପାଇଁ ଏକ ଉତ୍ତମ ମାନବିକତାର ପରିଚୟ ଦେଇଥିଲେ । ପୁରସ୍କାର ପାଇଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ ଥିଲେ ଶ୍ରୀଧର ବାରିକ, ମଧୁସୂଦନ ଦଳବେହେରା, ବିଘ୍ନରାଜ କୁମ୍ଭାର, ଦେବାଶିଷ ଖମାରି, ରାମ ନାରାୟଣ ଦାସ, ପ୍ରଭାକର ଛାନ୍ଦ, ସୁମନ କୁମାର ନନ୍ଦ, ବିରଂଚି ନାରାୟଣ ଦାଶ ଓ କାଳକୁଲେଟର ରଥ । ଜିଲ୍ଲାପାଳ ମହୋଦୟ ସମସ୍ତ " ଗୁଡ୍ ସମରିତାନ୍ " ପୁରସ୍କାର ପାଇଥିବା ବ୍ୟକ୍ତି ବିଶେଷ ମାନଙ୍କୁ ତାଙ୍କର ମହତ କାର୍ଯ୍ୟ ପାଇଁ ମାନପତ୍ର ଓ ପୁରସ୍କାର ରାଶି ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଜନସାଧାରଣ କେମିତି " ଗୁଡ୍ ସମରିତାନ୍ " ନୀତି ବିଷୟରେ ଅଧିକ ସଚେତନ ହୋଇ ସଡକ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ଭଳି ମହତ କାର୍ଯ୍ୟରେ ଅଧିକରୁ ଅଧିକ ଯୋଗଦାନ କରିବେ ସେ ଉପରେ ଗରୁତ୍ୱ ଦେଇଥିଲେ । ତତ୍ ସହିତ ବଲାଙ୍ଗିର ଜିଲ୍ଲାରେ କିଭଳି ଭାବେ ସଡକ ଦୁର୍ଘଟଣା ରୋକା ଯାଇ ପାରିବ, ଜିଲ୍ଲା ମଧ୍ୟ ଦେଇ ଯାଇ ଥିବା ଜାତୀୟ ରାଜପଥ ଓ ରାଜ୍ୟ ସଡକ ପଥରେ କିଭଳି ଭାବେ ନିରବଚ୍ଛିନ୍ନ ଟ୍ରାଫିକ୍ ପ୍ରବାହ ସୁଚାରୁ ରୂପେ ହେବ ତା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରୁ ଅନାଧିକୃତ ମୋଟରଯାନ ପାର୍କିଂ ଓ ଅନାଧ୍ୱକୃତ ଉଠା ବିକାଳୀଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଉପଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପୋଲିସ ପ୍ରଶାସନ ଓ ଜିଲ୍ଲା ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ, ଯାହାଦ୍ୱାରା କି, ସାଧାରଣ ଜନତା ଦୈନନ୍ଦିନ ଜୀବନରେ ସୁଚାରୁ ରୂପେ ଯାତାୟାତ କରିପାରିବା ସହିତ ବାଧାପ୍ରାପ୍ତ ଟ୍ରାଫିକ ସମସ୍ୟା ଯୋଗୁଁ ହେଉଥିବା ସଡ଼କ ଦୁର୍ଘଟଣାକୁ ମଧ୍ୟ ରୋକା ଯାଇ ପାରିବ । ଶେଷରେ ଆଂଚଳିକ ପରିବହନ ଅଧିକାରୀ, ବଲାଙ୍ଗିର ସମସ୍ତ ଉପସ୍ଥିତ ସଦସ୍ୟ ମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ

ଭବାନୀପାଟଣା, ୨୮/୧୦ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ ରେ ଜିଲ୍ଲାପାଳ, କଳାହାଣ୍ଡି ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଗତିକୃଷ୍ଣ ସାମନ୍ତରାୟ ଏଜେଣ୍ଡା ଅନୁଯାଇ ବ୍ଲାକ ସ୍ପଟ୍, ରାସ୍ତା ଅବରୋଧ, ରାସ୍ତା ମରାମତି, ଚଢ଼ାଉ, ଅବକାରୀ, ଜରୁରୀକାଳୀନ ଯତ୍ନ, ସଚେତନତା, ରାଜସ୍ୱ ଆଦାୟ ଉପରେ ଓ ଗତ ୧୫.୫.୨୦୨୩ ରିଖରେ ଅନୁଷ୍ଠିତ ବୈଠକ ର ବିଭିନ୍ନ ପଦକ୍ଷେପ ଉପରେ ଗୃହରେ ସୂଚନା ଦେଇଥିଲେ । ବର୍ତମାନ ଜିଲ୍ଲାରେ ଏନ ଏଚ ୨୬ ରେ କନ୍ତେସିରରୁ ତହଂସିର, ଉକଲ୍ଲା ବଂଗ୍ଲା ଛକ, ଚାଂଚେରରୁ କୋକୋମୁଣ୍ଡା, ହାତୀବ୍ରିଜରୁ ବଲ ଦିଆମାଲ ଏଭଳି ୪ଟି ବ୍ଲାକ ସ୍ପଟ୍ ରହିଛି । ଯେଉଁ ରାସ୍ତାରେ ରାସ୍ତା ନିରାପତା ସାଇନ୍ ବୋର୍ଡ, ସତର୍କତା ବାର୍ତା, ଗତି ସୀମା ବୋର୍ଡ,ରମ୍ବଲରସ୍ ନାହିଁ ତାହା ଲଗାଇବାକୁ ଶୀଘ୍ର ପଦକ୍ଷେପ ନେବାକୁ ଏନ୍ ଏଚ,ଆର ଡି ଏବଂ ଆର୍ ବି ନିର୍ବାହୀ ଯନ୍ତ୍ରୀ ଙ୍କୁ ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ । ସେଭଳି ଏନ୍ ଏଚ ୨୬ ଜାତୀୟ ରାଜପଥରେ ସମସ୍ତ ହମ୍ପସ ହଟାଇବା ସହିତ ଏନ୍ ଏଚକୁ ଲାଗି ବିଦ୍ୟାଳୟ ର ସାମ୍ନା ଗେଟ୍ କୁ ବନ୍ଦ କରି ଅନ୍ୟ ବ୍ୟବସ୍ଥା କରିବାକୁ ସଂପୃକ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ କହିଥିଲେ ।ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଜିଲ୍ଲାରେ ଆର୍ ଟି ଓ ଓ ପୋଲିସ ବିଭାଗ ଦ୍ୱାରା ଧୃତ ଗାଡ଼ି ଚାଳନା ପାଇଁ ୨୨୯,ବିନା ହେଲମେଟ ଓ ସିଟ୍ ବେଲ୍ଟ ଅପରାଧ ପାଇଁ ୧୪୨, ମଦ୍ୟପାନ ସହ ଗାଡ଼ି ଚାଳନା ଭଳି ଅପରାଧ ପାଇଁ ୧୦ ଜଣଙ୍କ ଲାଇସେନ୍ସ ନିଲମ୍ବନ କରାଯାଇଛି । ଜିଲ୍ଲାରେ ଅଗଷ୍ଟ ସେପ୍ଟେମ୍ବର ମାସରେ ୫୪ ଟି ଦୁର୍ଘଟଣା ଘଟି ୧୭ ଜଣଙ୍କ ମୃତ୍ୟୁ ହୋଇଛି ।୨୦୨୩ରେ ଏପର୍ଯ୍ୟନ୍ତ ୧୧୦ ଜଣଙ୍କ ମୃତ୍ୟୁ ରାସ୍ତା ଦୁର୍ଘଟନା ରେ ହୋଇଛି । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କଳାହାଣ୍ଡି, ଏ ଇ ଇ, ଆର୍ ଏଣ୍ଡ ବି, ଇ ଇ ଆର୍ ଡ଼ ବ୍ଲୁ ଡି ଭବାନୀପାଟଣା,/ଧର୍ମଗଡ, ଅବକାରୀ ଅଧିକ୍ଷକ, ଇ ଓ, ଏନ୍ ଏ ସି, କେସିଙ୍ଗା/ ଧର୍ମ ଗଡ/ ଭବାନୀପାଟଣା,କଳାହାଣ୍ଡି ଟ୍ରକ ମାଲିକ ସଂଘ ସଭାପତି, ଡିଆଇପିଆର୍ଓ, ଇଇ, ଟିପିଡବ୍ଲୁଡିଏଲ୍,ଆର୍ ଟି ଓ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମୀନାବଜାର ଉଠା ଦୋକାନରୁ ଚୋରୀ

ଚମ୍ପୁଆ, ୨୮/୧୦ (ନି.ପ୍ର): ଚମ୍ପୁଆ ଦୂର୍ଗା ପୂଜା ମେଳାରେ ଲାଗିଥିବା ମୀନା ବଜାରର ଉଠା ଦୋକାନରୁ ଚୋରୀ ହୋଇଥିବା ନେଇ ଅଭିଯୋଗ ହେବାପରେ ଖବର ପାଇ ଚମ୍ପୁଆ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣା ପଡିଛି । ସୂଚନା ଅନୁଯାୟୀ, ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଚମ୍ପୁଆରେ ଅତି ଯାକ ଜମକରେ ଦୁର୍ଗା ପୂଜା ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ସହରରେ ଦୁଇଟି ଦୁର୍ଗା ପୂଜା ମେଢ ହୋଇଥିବା ବେଳେ କଚେରୀ ପଡିଆ ଠାରେ ସାର୍ବଜନୀନ ଦୁର୍ଗା ପୂଜା ମେଢ ସହିତ ମୀନାବଜାର ମଧ୍ୟ ବସିଥିଲା । ଏହି ମୀନା ବଜାର ମେଳାରେ ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଥିବା ଦୋକାନୀମାନେ ତାଙ୍କ ବିଭିନ୍ନ କିସମର ଅସ୍ଥାୟୀ ଦୋକାନ ଲଗାଇ ଥିବାବେଳେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗୁରିପୋଷି ଥାନା ଅନ୍ତର୍ଗତ ମଣଦା ଗ୍ରାମର ଭବାନୀ ଶଙ୍କର ପରିଡା ଓ ତାଙ୍କ ବାପା ପ୍ରଦୀପ ପରିଡା ମଧ୍ୟ ଉକ୍ତ ମେଳାରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଦୋକାନ ଲଗାଇଥିଲେ । ଏ ବର୍ଷ ମେଳାରେ ଭଲ ବେପାର ହୋଇଥିବା ବେଳେ ଦୁର୍ଗା ପୂଜା ମୀନା ବଜାର ସରିବା ପରେ ତାଙ୍କ ଦୋକାନ ଜିନିଷ ସବୁ ବନ୍ଧାବନ୍ଧି କରି ନିଜ ଘରକୁ ଯିବାକୁ ପ୍ରସ୍ତୁତ ହେଉଥିଲେ । ଗତକାଲି ରାତି ସବୁ ଜିନିଷ ବନ୍ଧାବନ୍ଧି ସାରି ଦୋକାନ ପାଲ ବନ୍ଦ କରି ଦେଇ ପ୍ରଦୀପ ପରିଡା ତାଙ୍କ ପୁଅ ଭବାନୀ ଶଙ୍କର ପରିଡା କୁ ଦୋକାନ ଜଗାଇ ଦେଇ ତାଙ୍କ ଦେହ ଅସୁସ୍ଥ ଥିବା ଯୋଗୁଁ ଔଷଧ ଆଣିବା ପାଇଁ ଡାକ୍ତରଖାନା ଯାଇଥିଲେ । ତାଙ୍କ ପୁଅକୁ ଏହି ସମୟ ରେ ପେଟ କାଟି ଝାଡ଼ା ହେବାରୁ ସେ ନିକଟସ୍ଥ ବୈତରଣୀ ନଦୀ କୁ ଶୌଚ ହେବା ପାଇଁ ଚାଲି ଯାଇଥିଲେ । ଏହାର ସୁଯୋଗ ନେଇ କେହି ଦୁର୍ବୃତ ତାଙ୍କ ଦୋକାନ ପାଲକୁ କାଟି ତାଙ୍କ ଦୋକାନରେ ଥିବା ବ୍ୟାଗରୁ ୯୦ ହଜାର ଟଙ୍କା ସହିତ ଚାର୍ଜରେ ଲାଗିଥିବା ଏକ ମୋବାଇଲ ନେଇ ଚମ୍ପଟ୍ ମାରିଥିବା ସୂଚନା ମିଳିଛି । ତେବେ ଆଜି ପ୍ରଦୀପ ପରିଡା ଏ ନେଇ ଚମ୍ପୁଆ ପୋଲିସ ନିକଟରେ ଅଭିଯୋଗ କରିବା ପରେ ଚମ୍ପୁଆ ଥାନା ଏଏସଆଇ କିରାଣୀ ମହାନ୍ତ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

# ଖୋର୍ଦ୍ଧାରେ କଂଗ୍ରେସର ପରିବର୍ତ୍ତନ ସମାବେଶ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶୁକ୍ରବାର ଖୋର୍ଦ୍ଧାଠାରେ କଂଗ୍ରେସର ଏକ ବିଶାଳ ରାଲି ଏବଂ ପରିବର୍ତନ ସମାବେଶ ଆୟୋଜିତ ହୋଇଯାଇଛି । ପ୍ରଥମେ ଖୋର୍ଦ୍ଧା ଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହାପରେ ଏକ ବିଶାଳ ରାଲିରେ ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡା. ଚେଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ଖୋର୍ଦ୍ଧାର ହାବେଳି ପଡ଼ିଆ ପର୍ଯ୍ୟନ୍ତ ଆସିଥିଲେ । ସେଠାରେ ଆୟୋଜିତ ସଭାରେ ମା' ବରୁଣୀ ଓ କରୁଣେଇଙ୍କୁ ପ୍ରଣିପାତ କରି ଡା. ଚେଲ୍ଲା କୁମାର କହିଥିଲେ ଯେ ଖୋର୍ଦ୍ଧା ମାଟି ବୀର ପ୍ରସବିନୀ । ଭାରତର ସ୍ୱାଧୀନତା ସଂଗ୍ରାମରେ ଖୋର୍ଦ୍ଧାର ଅବଦାନ ଅତୁଳନୀୟ । ସଭାରେ ସେ ଖୋର୍ଦ୍ଧା ମାଟିର ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ତିତୀକ୍ଷାର କାହାଣୀ ଅବିସ୍ମରଣୀୟ ବୋଲି କହିଥିଲେ । ଖୋର୍ଦ୍ଧା ଜିଲ୍ଲା ପ୍ରତି ନବୀନ ସରକାର ବୈମାତୃକ ମନୋଭାବ ପୋଷଣ କରିଛନ୍ତି । ଏହି ଜିଲ୍ଲାର ୧୮ ଟି ଶୀତଳ ଭଣ୍ଡାର ଆଜିବି ଅଚଳ । ଖୋର୍ଦ୍ଧା ଏବେ ନିଶାକାରବାରର କେନ୍ଦ୍ର ସ୍ଥଳୀ ହୋଇଛି । ଖୋର୍ଦ୍ଧାରେ ସରକାରୀ ଜମି ସବୁ ଜମି ମାଫିଆଙ୍କ କବଜାରେ ମାତ୍ର ପ୍ରଶାସନ ନୀରବ । ଏଠାରେ ଅବାଧ ପଥର ଖଣି ଲୁଟ ଚାଲିଛି । ଖୋର୍

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୯ ଅକ୍ଟୋବର ୨୦୨୩
email : rabibarachayan2015@gmail.com

# ରବିବାର ଚୟନ



.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ

ଡ.ଭାଗବତ ବେହେରା

# ବୈଦେହୀ

ଭାଗ-୨୪

(ପୂର୍ବ ପ୍ରକାଶିତ ଉତ୍ତାରୁ...)

'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ସେହି ବଂଶର ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର, ଗୁଣବନ୍ତ, ସୁରବନ୍ତ ରାମଚନ୍ଦ୍ରଙ୍କର ପତ୍ନୀ ହୋଇ ପ୍ରଥମେ ଅଯୋଧ୍ୟାରେ ପାଦ ଦେଇ ମୁଁ ଯାହା ଦେଖିଲି, ମୋ ଆଖିକୁ ବିଶ୍ୱାସ କରିପାରିଲି ନାହିଁ । ମୋତେ ସ୍ୱାଗତ କରିବାପାଇଁ ଅଯୋଧ୍ୟା ସଜେଇ ହୋଇ ରହିଥାଏ ଅପୂର୍ବ ସାଜସଜ୍ଜାରେ । ମନେ ହେଉଥାଏ ଏହା ଧରାଧାମର ଅଯୋଧ୍ୟା ନାଁ ସୁରପତିଙ୍କ ଇନ୍ଦ୍ରପୁରୀ। ଅଯୋଧ୍ୟାର ରୂପଶୋଭା ଆଖିରେ ଦେଖିବା କଷ୍ଟକର ହୋଇ ପଡୁଥାଏ । ରତ୍ନମୟ ହୋଇ ଉଠିଥାଏ ଅଯୋଧ୍ୟା ନଗରୀ । ପ୍ରବେଶ ଦ୍ୱାରରେ ସ୍ୱର୍ଣ୍ଣକୁମ୍ଭ ସବୁ ଧାଡ଼ିଧାଡ଼ି କରି ରଖି ଦିଆଯାଇଥାଏ । ରମ୍ଭାବୃକ୍ଷ ମାନଙ୍କରେ ସୁସଜ୍ଜିତ ପ୍ରତ୍ୟେକ ସୁବର୍ଣ୍ଣ ତୋରଣ । ସେ ସବୁରେ ଲଟେଇ ହୋଇ ପଡ଼ିଥା'ନ୍ତି ସୁବର୍ଣ୍ଣଲତା । ସେହି ଲତା ମାନଙ୍କରେ ହୀରା, ଲୀଳା, ମୋତି, ମାଣିକ୍ୟର ଫୁଲ । ରାଜପଥରେ ବିଛେଇ ହୋଇ ପଡ଼ିଛି ପୁଷ୍ପ ଗାଲିଚା । କସ୍ତୁରୀ, ଚନ୍ଦନ, ଅଗୁରୁ ଗନ୍ଧରେ ସୁବାସିତ ରାଜପଥ । କର୍ପୂର ରଜ ବିଛେଇ ହୋଇ ପଡ଼ିଛି ରାଜଦାଣ୍ଡରେ । ସହସ୍ର ସହସ୍ର ସଂଖ୍ୟାରେ ସ୍ୱର୍ଣ୍ଣ ଦୀପ ସବୁ ରାଜ ପଥର ଦୁଇ ଧାରରେ ଜାଳୁଥାନ୍ତି ସ୍ୱର୍ଣ୍ଣାଲୋକର ଧାରା। ଶଙ୍ଖ ହୁଳହୁଳି ଶବ୍ଦରେ ନିନାଦିତ ହେଉଥାଏ ଅଯୋଧ୍ୟା ନଗରୀ । ସିମନ୍ତିନୀମାନେ ସ୍ୱର୍ଣ୍ଣଥାଳରେ ଦୁର୍ବା, ଅକ୍ଷତ, ପୁଷ୍ପ ପୂର୍ଣ୍ଣକରି ଅପେକ୍ଷା କରି ରହିଛନ୍ତି ରାଜଦାଣ୍ଡର ବେନିପାର୍ଶ୍ୱରେ । ଆମ ରଥ ଅଯୋଧ୍ୟା ରାଜଦାଣ୍ଡରେ ପହଞ୍ଚିବାମାତ୍ରେ ଏକ ବର୍ଣ୍ଣନାତୀତ ଆନନ୍ଦର ଜୁଆର ଖେଳି ଯାଇଥିଲା ସେଠାରେ। ବରବଧୂ ଆସିଗଲେ ବୋଲି ଧ୍ୱନିରେ ଫାଟି ପଡୁଥାଏ ଅଯୋଧ୍ୟା । ଏ ଦୃଶ୍ୟ ଦେଖି ମୁଁ ଅଭିଭୂତ ହୋଇ ପଡୁଥାଏ । କ'ଣ ନ କରିଛନ୍ତି ଅଯୋଧ୍ୟାବାସୀ ତାଙ୍କ ପ୍ରିୟ ରାମଙ୍କ ପାଇଁ । ମିଥିଳା ରାଜନନ୍ଦିନୀଙ୍କୁ ବିବାହ କରି ଫେରୁଛନ୍ତି ଅଯୋଧ୍ୟାର ଜ୍ୟେଷ୍ଠ ରାଜକୁମାର ରାମ । ସେ ଥିଲେ ସାରା ଅଯୋଧ୍ୟା ବାସୀଙ୍କର ଆଦରର ରାମ । ଏକଥା ମୁଁ ପୂର୍ବରୁ ମହର୍ଷି ବିଶ୍ୱାମିତ୍ରଙ୍କ ଠାରୁ ଶୁଣିଥିଲି । ଅଯୋଧ୍ୟାରେ ପାଦ ଦେଇ ମୁଁ ଯାହା ଦେଖିଲି ନଗରର ପ୍ରତ୍ୟେକ ନରନାରୀ, ଆବାଳବୃଦ୍ଧବନିତା ସମସ୍ତେ ଏକତ୍ର ହୋଇଛନ୍ତି ତାଙ୍କ ପ୍ରିୟ ରାମଙ୍କୁ ଦେଖିବାପାଇଁ । ତାଙ୍କ ସହିତ ମୋତେ ଦେଖିବାପାଇଁ ମଧ୍ୟ ତାଙ୍କ ମନରେ ଆଗ୍ରହ ।

ରଥ ପହଞ୍ଚିବା କ୍ଷଣି ପୁଷ୍ପଚନ୍ଦନ ବୃଷ୍ଟି ହୋଇ ଯାଇଥିଲା ରଥ ଉପରେ । ଭିଡ଼ାଭିଡ଼ି, ଠେଲାଠେଲି ହୋଇ ରାଜପଥକୁ ମାଡ଼ି ଆସିଥିଲେ ସହସ୍ର ନରନାରୀ । ସେମାନଙ୍କୁ ଶୁଣାଇ ମୋ ଶଶୁର କହିଥିଲେ, 'ହେ ମୋର ଅଯୋଧ୍ୟାର ପ୍ରିୟ ନରନାରୀ ଗଣ । ତୁମେମାନେ ସମ୍ବାଦ ପାଇ ସାରିଛ ମୋ ଜ୍ୟେଷ୍ଠ ପୁତ୍ର ରାମ ମିଥିଳାର ରାଜା ଜନକଙ୍କର ସ୍ୱୟମ୍ବର ସଭାରେ ଉପସ୍ଥିତ ହୋଇ, ଜନକ ପାତିଥିବା ଶିବଧନୁକୁ ଭାଂଗି, ତାଙ୍କ ଅଲିଅଳ କନ୍ୟା ଜାନକୀର ପାଣିଗ୍ରହଣ କରିଛି । ମୋର ପୁତ୍ର ତଥା ପୁତ୍ରବଧୂକୁ ଦେଖିବାପାଇଁ ତୁମମାନଙ୍କ ମନରେ ଉତ୍ସୁକତା ଭରି ଯାଇଛି । ତୁମମାନଙ୍କର ଆଶାକୁ ମୁଁ କେବେ ଅପୂର୍ଣ୍ଣ ରଖିବି ନାହିଁ । ତୁମେମାନେ ସମସ୍ତେ ମୋର ଅତି ଆପଣାର । ରାମକୁ ମଧ୍ୟ ତୁମେମାନେ ଅନ୍ତର ଭରି ଭଲପାଅ । ମୋର ପୁତ୍ର ପୁତ୍ରବଧୂ ମାନଙ୍କୁ ତୁମେ ସମସ୍ତେ ନେତ୍ର ପୂରାଇ ଦେଖିବ । ସେଥିପାଇଁ ମୁଁ ଆଗରୁ ଖବର ପଠାଇ ଏକ ମଣ୍ଡପ ନିର୍ମାଣ କରାଇଛି । ସେହି ମଣ୍ଡପରେ ରାମ ସୀତା ବସିବେ । ତୁମେମାନେ ସେଠାରେ ପ୍ରତ୍ୟେକେ ତାଙ୍କୁ ଦେଖିବ । ଏବେ ଆଉ ପଥରେ ଗହଳ ନକରି ତୁମେମାନେ ସେ ସ୍ଥାନକୁ ଗମନ କର ।'

ମୋ ଶଶୁର ତଥା ମୋ ସ୍ୱାମୀଙ୍କ ନାମରେ ଜୟଧ୍ୱନି ଦେଇ ସେମାନେ ରାଜପଥରୁ ଗହଳି କମାଇଦେଲେ । ଧୀରେଧୀରେ ରଥ ଯାଇ ରାଜଦ୍ୱାର ସମ୍ମୁଖରେ ପହଞ୍ଚିଥିଲା । ସେ ସ୍ଥାନର ଦୃଶ୍ୟ ଦେଖି ମୁଁ ଅଭିଭୂତ ହୋଇ ପଡ଼ିଥିଲି ପ୍ରୀତିଦା । କ'ଣ ନ କରିଛନ୍ତି ରାଜ ଅନ୍ତଃପୁରବାସୀ ମାନେ ମୋ ପାଇଁ । ମୋ ତିନି ଶାଶୁ ସମେତ ଅନେକ ପୁରନାରୀ ଆମକୁ ବନ୍ଦାପନା କରିବା ସହିତ ପୁଷ୍ପ ଚନ୍ଦନରେ ପୋତି ପକାଇଥିଲେ । ମୋ ଶାଶୁମାନେ କହୁଥାନ୍ତି, ଧୀରେଧୀରେ ବରବଧୂଙ୍କୁ ବନ୍ଦାପନା କର । ତୁମେମାନେ ଯେତେ ପରିମାଣରେ ଫୁଲ ଚନ୍ଦନ ପକାଉଛ ଆମ ଲବଣୀ ପିତୁଳା, ମିଥିଳାମଣି, ଜାନକୀକୁ କଷ୍ଟ ହେଉଥିବ । ତାଙ୍କ ପିତା ଜନକ ତାଙ୍କର ଏକମାତ୍ର ସୁବର୍ଣ୍ଣ ପିତୁଳାକୁ ଆମପୁରକୁ ପଠାଇ ଦେଇଛନ୍ତି । ସେ ଘରେ ନପଶୁଣୁ ତୁମେ ମାନେ ଯଦି ତାକୁ ଏମିତି ପୁଷ୍ପଦଣ୍ଡରେ ଦଣ୍ଡିତ କରିବ - ତାହେଲେ ଆମ ସମୁଦି ସମୁଦୁଣୀ ଆମକୁ କ'ଣ ଭାବିବେ ।

ମୋ ଶାଶୁମାନଙ୍କ କଥା ଶୁଣି ହସିହସି ସେମାନେ କହୁଥାନ୍ତି, "ତୁମ ବୋହୂ ଖାଲି ସୁନାର ପିତୁଳା ନୁହେଁ ଗୋ ମାଆ । ଏ ତ ସୁନା, ରୁପା, ହୀରା, ଲୀଳା, ମୋତି, ମାଣିକ୍ୟର ଲତାଟିଏ । ମୁହଁଟା ତୁମ ବୋହୂର ହୀରାର ପଦ୍ମ। ଆଖି ଦୁଇଟି ନୀଳମଣି । ହସ୍ତ ଦୁଇଟି ମାଣିକର ଲତା । ପାଦ ଦୁଇଟି ଦରବିକଶିତ ସ୍ଥଳପଦ୍ମ । ବିଧାତା କେତେ ଯୁଗ ଧରି ତୁମର ଏ ବୈଦୂର୍ଯ୍ୟ ଲତାଟିକୁ ଗଢ଼ିଛି ତାହା ତାଙ୍କୁ ହିଁ ଜଣା । ଦିଅ ଗୋ ସଜନୀ ମାନେ ସହଳ ବନ୍ଦାପନା ସାରିଦିଅ । କେତେ ରାସ୍ତାରୁ ଠାକୁରାଣୀ ଆମର ଆସିଛନ୍ତି । ବାଟରେ ତିନିଦିନ ବିତିଯାଇଛି । ଆଜି ବିବାହର ଚତୁର୍ଥ ଦିନ । ବରକନ୍ୟା ପାଇଁ ପୂଜାପାଠ ଜାଗଯଜ୍ଞର ଆୟୋଜନ ହୋଇଛି । ବିଳମ୍ବ କଲେ ସବୁ ବିଳମ୍ବ ହୋଇଯିବ ।"

ପୁରନାରୀମାନେ ବନ୍ଦାପନା କରି ମୋତେ ଭିତର ପୁରକୁ ବାଟ କଢ଼ାଇ ନେଇଥିଲେ । ରାଜ ଅନ୍ତଃପୁରର ଶୋଭା ମୋ ଦୃଷ୍ଟିପଟରେ ନାଚି ଉଠୁଥାଏ । ମହୀ ମଧ୍ୟେ ମନୋହର ନିଶ୍ଚିତ ଏ ଅଯୋଧ୍ୟାପୁରୀ ହେବ । ଅନ୍ତଃପୁର ସାଜସଜ୍ଜା ଦେଖି ମୋର ମନେ ହେଉଥାଏ ସ୍ୱୟ ଦେବ ଶିଳ୍ପୀ ବିଶ୍ୱକର୍ମା ଆସି ଆଉ ପୁରକୁ ସଜାଇ ଦେଇ ନାହାନ୍ତି ତ ? ଝରିଆଡ଼େ ରତ୍ନଦୀପ ଝଲମଲ ହୋଇ ଜଳୁଥାଏ । ରତ୍ନ ଝନ୍ଦୁଆ ସବୁ ଟଙ୍ଗାଇ ଦିଆଯାଇଛି ପୁର ଅଙ୍ଗନରେ । ପୁଷ୍ପ ଚନ୍ଦନର ସୁବାସ ସାଂଗକୁ ସୁରଭିତ ସୁଗନ୍ଧ ଏଭଳି ଏକ ମନୋରମ ମନୋମୁଗ୍ଧକର ପରିବେଶ ସୃଷ୍ଟି କରୁଥାଏ ଯେ, ତାହା ମୁଁ ଭାଷାରେ ବର୍ଣ୍ଣିପାରିବି ନାହିଁ । ମୋର ଶାଶୁମାନେ ମୋତେ ନେଇ ଏକ ସୁବର୍ଣ୍ଣ ଆସନରେ ବସାଇ ଦେଇଥିଲେ । ମୋ ଝରିପାଖରେ ଭିଡ଼ ଜମି ଯାଇଥିଲା । ସଭିଙ୍କ ତୁଣ୍ଡରେ ଗୋଟିଏ କଥା ଧନ୍ୟ ନ କହିବ ରାଜା ଦଶରଥଙ୍କୁ । ଭାଗ୍ୟରେ ଥିଲେ ଏମିତି ସୁନାନାକୀ ବୋହୂ ମିଳେ । କେତେ ପୁଣ୍ୟ କରିଥିଲେ ଦଶରଥଙ୍କ ନନ୍ଦନ ରାମ । ରାମ କୋଳରେ ସୀତା, ଲକ୍ଷ୍ମୀନାରାୟଣ ଯୋଡ଼ି । କେହି କେହି କହୁଥା'ନ୍ତି ଅଯୋଧ୍ୟା ପୂର୍ବରୁ ଶୂନ୍ୟ ଥିଲା, ଆଜି ପୂର୍ଣ୍ଣ ହୋଇଛି । ସାକ୍ଷାତ ଲକ୍ଷ୍ମୀ ବିଜେ କରିଛନ୍ତି, ଅଯୋଧ୍ୟାରେ । ଧନଧାନ୍ୟରେ ଅଯୋଧ୍ୟା ପୂର୍ଣ୍ଣ ହେବ । ଅଯୋଧ୍ୟାରେ ଆଉ ଅନାବୃଷ୍ଟି ହେବନାହିଁ କି ଅକାଳର ଭୟ ରହିବ ନାହିଁ । ସ୍ୱୟଂ ଲକ୍ଷ୍ମୀ ଯେଉଁଠି ବିରାଜମାନ, ସେ ସ୍ଥାନରେ କିଛି ଅଭାବ ରହିବ ନାହିଁ । ଏମିତି ଅନେକ କଥା ମୋ କାନ ଶୁଣୁଥାଏ ପ୍ରୀତିଦା । ମୁଁ ତୁନିହୋଇ ବସି ରହିଥାଏ । ମୁଣ୍ଡ ଉପରୁ ନାକତଳକୁ ଓହଳି ରହିଥାଏ ମୋ ମସ୍ତକର ପାଟ ଓଢ଼ଣୀ । ଓଢ଼ଣୀ ଟେକି ମୋ ମୁହଁ ଦେଖିବା ପାଇଁ ଅନେକ ବ୍ୟଗ୍ର ହୋଇ ପଡୁଥିବାବେଳେ, ମୋ ଜ୍ୟେଷ୍ଠ ଶାଶୁ କହିଥିଲେ କୈକେୟୀ, ସୁମିତ୍ରା ମହାରାଜ ଖବର ପଠାଇଛନ୍ତି ବଧୂକୁ ମଣ୍ଡପକୁ ନେଇଯିବା ପାଇଁ ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

## ସ୍ମୃତିକଥା...

# ଦକ୍ଷିଣେଶ୍ୱର ମନ୍ଦିରରେ ମାଁ କାଳୀଙ୍କ ଦର୍ଶନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଛୋଟ ଥିବା ବେଳେ ମାଁ କାଳୀଙ୍କ ମୂର୍ତ୍ତି ଦେଖିଲେ ମନରେ ଭୟ ଜାତ ହେଉଥିଲା । ତାଙ୍କ ଲହ ଲହ ଜିହ୍ୱା ଓ ନୃମୁଣ୍ଡମାଳିନୀ ରୂପ ଥିଲା ସେଇ ଭୟର ହେତୁ। ପରବର୍ତ୍ତୀ ସମୟରେ ଯେତେବେଳେ ଉପଲବ୍ଧି କଲି ଯେ ଆସୁରିକତାର ବିନାଶ ପାଇଁ ସେ ଏହିପରି ଉଗ୍ର ରୂପ ଧାରଣ କରିଛନ୍ତି, ସେତେବେଳେ ସ୍ୱତଃସ୍ଫୁର୍ତ୍ତ ଭାବରେ ମନରୁ ସକଳ ଭୟ ଅପସୃତ ହୋଇଯାଇ ହୃଦୟରୁ ପ୍ରାର୍ଥନାର ସ୍ୱର ସ୍ଫୁରିତ ହୋଇଉଠିଲା: ହେ ମାଁ ! ତୁମେ ଯଦି ଆସୁରିକତାର ବିନାଶ ପାଇଁ ଏହି ଉଗ୍ର ରୂପ ଧାରଣ କରିଛ, ଏହି ରୂପ ପଶ୍ଚାତରେ ତୁମର କି ବିଶାଳ କରୁଣା ଲୁକ୍କାୟିତ ହୋଇରହିଛି। ମୋ ମଧ୍ୟରେ ରହିଥିବା ସକଳ ଅସତ୍ ଭାବନାକୁ, ସକଳ ହିଂସ୍ରତାକୁ, ଈର୍ଷା ଓ ଅସୂୟାକୁ, ଦିବ୍ୟତାର ବିରୋଧୀ ସକଳ ଅହଂକାରକୁ ତୁମେ ବିନାଶ କରିଦିଅ ଆଉ ତୁମର କରୁଣାର ସ୍ପର୍ଶରେ ଏ ଜୀବନକୁ କରିଦିଅ ସ୍ୱଚ୍ଛ ଓ ନିର୍ମଳ। ଠିକ୍ ସେହିପରି ମଧ୍ୟ ଏ ଜଗତରେ ଭରି ରହିଥିବା ସମସ୍ତ ଆସୁରିକ ଶକ୍ତିର ମୂଳୋତ୍ପାଟନ କରିଦିଅ ତୁମର ଅଲୌକିକ ଶକ୍ତି ବଳରେ।

ମାଁ କାଳୀଙ୍କ ରୂପ ଅତ୍ୟନ୍ତ କରୁଣାପୂର୍ଣ୍ଣ ଦେଖାଗଲା ସେ ଦିନଠୁ, ଯେଉଁ ଦିନରୁ ରାମକୃଷ୍ଣ ପରମହଂସଙ୍କ ଜୀବନୀ ଜାଣିବାର ଓ ପଢ଼ିବାର ସୁଯୋଗ ପାଇଥିଲି। ସେ ଦିନଠୁ ମୋର ସବୁବେଳେ ମନେହୁଏ ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ସହ ଯେମିତି କେଉଁ ଯୁଗରୁ ମୋର ଏକ ଆତ୍ମିକ ସଂପର୍କ ରହିଆସିଛି। ମନ୍ଦିର ଦେଖିବାର ସୁଯୋଗ ମୋତେ ମିଳୁ ନଥିଲେ ମଧ୍ୟ କଳ୍ପନାର ଚକ୍ଷୁରେ ସେଇ ମନ୍ଦିରର ଚିତ୍ର ଅଙ୍କନ କରେ ମନେମନେ ।

କେବେ ନା କେବେ ଥରେ ସେଇ ମାତୃ ମନ୍ଦିରକୁ ଯିବି ବୋଲି ଭାବୁଥାଏ । କିନ୍ତୁ ଭାବି ନଥାଏ ଯେ ଆକସ୍ମିକ ଭାବରେ ସେ ସୁଯୋଗ ମୋତେ ମିଳିବ ବୋଲି। ୧୯୯୭ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀରୁ ଚିଠି ଆସି ପହଞ୍ଚିଥିଲା ଲେଖକ ଓ ସାହିତ୍ୟିକମାନଙ୍କ ସହିତ ଭାବ ବିନିମୟ କରିବା ପାଇଁ ଯେ କୌଣସି ଗୋଟିଏ ରାଜ୍ୟକୁ ଯିବାର ସୁଯୋଗ ମୋତେ ପ୍ରଦାନ କରାଯିବ। ସେଥିପାଇଁ ଦୁଇଟି ରାଜ୍ୟର ନାମ ପ୍ରସ୍ତାବ ଦେଲେ ତା' ମଧ୍ୟରୁ ଗୋଟିଏ ରାଜ୍ୟକୁ ଯିବା ପାଇଁ କର୍ତ୍ତୃପକ୍ଷ ମନୋନୀତ କରିବେ । ମୁଁ ପଶ୍ଚିମବଙ୍ଗ ଓ ଆସାମର ପ୍ରସ୍ତାବ ଦେଇ ଉତ୍ତର ପ୍ରେରଣ କରିଦେଇଥିଲି। ଏକାଡେମୀର କଲିକତା ସ୍ଥିତ କାର୍ଯ୍ୟାଳୟରୁ ଚିଠି ଆସି ପହଞ୍ଚିଥିଲା ପଶ୍ଚିମବଙ୍ଗ ଯାତ୍ରା କରିବା ପାଇଁ। ସେତେବେଳେ ହୃଦୟରେ ଭରି ଯାଇଥିଲା ଅପୂର୍ବ ଆନନ୍ଦ। ବଙ୍ଗଳାର ଲେଖକଲେଖିକାମାନଙ୍କ ସୃଷ୍ଟି ସଂପଦ ସହିତ ମୋର ହାର୍ଦ୍ଦିକ ସଂପର୍କ ଯୋଡ଼ି ଦେଇଥିଲେ ମୋର ବାପା। ସେଥିପାଇଁ ସେମାନଙ୍କୁ ନିକଟରୁ ଦେଖିବା ଓ କଥାବାର୍ତ୍ତା କରିବା ପାଇଁ ଏବେ ମୋତେ ଯେଉଁ ସୁଯୋଗ ମିଳିଲା ତାହା ମୋର ହୃଦୟକୁ କୃତଜ୍ଞତାର ଅନୁଭବରେ ପୂର୍ଣ୍ଣ କରିଦେଉଥିଲା ।

ଅନେକ ବଙ୍ଗଳା କବି ଓ ଲେଖକଙ୍କୁ ସାକ୍ଷାତ କରିବାର ଯେଉଁ ଅନୁଭୂତି ଅର୍ଜନ କଲି ତାହା ତ ଯତ୍ନର ସହିତ ଅନ୍ତରରେ ସାଇତି ରଖିଛି । କିନ୍ତୁ ସବୁକିଛି ଅନୁଭୂତି ସେ ଦିନ ହିଁ ଅର୍ଥପୂର୍ଣ୍ଣ ହୋଇଯାଇଥିଲା ଯେଉଁ ଦିନ ଦକ୍ଷିଣେଶ୍ୱରକୁ ଯାତ୍ରା କରିଥିଲି । ସେ କି ଅପୂର୍ବ ଉପଲବ୍ଧି ।

ତା.୨୩.୩. ୧୯୯୭ରିଖ ଦିନ ଦକ୍ଷିଣେଶ୍ୱର ଯାତ୍ରା କଲାବେଳେ ମାଁଙ୍କ ଭାବନାରେ ବାରମ୍ବାର ବିଭୋର ହୋଇପଡୁଥାଏଁ । ରାମକୃଷ୍ଣ ପରମହଂସଙ୍କ କଥା କମ୍ପନ ସୃଷ୍ଟି କରୁଥାଏ ଭିତରେ ଭିତରେ। ମାଁ ଓ ରାମକୃଷ୍ଣଙ୍କ କଥା ପଢ଼ିବା ବେଳେ, ଭାବିବା ବେଳେ କେତେକେତେ ଥର ନିଜକୁ ଭୁଲି ଯାଇଛି। ଅସଂଖ୍ୟ ଥର ଆଖି ଜକେଇ ଆସିଛି ତାଙ୍କରି ଭାବନାରେ ମଜ୍ଜି ରହି। ସେଇ ଦିନଗୁଡ଼ିକର ଅପୂର୍ବ ଭାବ ହୃଦୟ ଭିତରେ ସଂଚାରିତ କରିବା ପାଇଁ ବାରମ୍ବାର ଧ୍ୟାନସ୍ଥ ହୋଇପଡୁଥିଲି।

କେବେହେଲେ ଭାବି ନଥିଲି ଦକ୍ଷିଣେଶ୍ୱର ମନ୍ଦିର ପରିସର ଏତେ ନିଜର, ଅନ୍ତରଙ୍ଗ ଲାଗିବ ବୋଲି । କେଡ଼େ ମୁକ୍ତ ଅନୁଭବ କରୁଥିଲି ପ୍ରକୃତରେ ସେଠି ! ମନେ ହେଉଥିଲା ନିଜର ପୂର୍ବ ପରିଚିତ ଅତି ଆପଣାର ପବିତ୍ର କ୍ଷେତ୍ରକୁ ଯେପରି ମୁଁ ଚାଲି ଆସିଛି । ମନ୍ଦିର ଦେଖୁଥିଲି ଅଭିଭୂତ ହୋଇ । ଏଇଠି ରାମକୃଷ୍ଣ ଚାଲିଥିବେ, ଏଠି ବସିଥିବେ, ଏଇଠି କେତେ ଗ୍ରୀଷ୍ମ କାଳ, କେତେ ଶୀତାର୍ତ୍ତ ରାତ୍ରି, କେତେ ବର୍ଷା ପ୍ଲାବିତ ରଜନୀ ଦିବସ ଅତିବାହିତ କରିଥିବେ - ଏ ସବୁ ଭାବିବା ବେଳେ ଅତୀତକୁ ଫେରିଯାଉଥାଏ ମନ। ଯେମିତି ପୃଷ୍ଠା ପରେ ପୃଷ୍ଠା ଖୋଲି ଯାଉଥାଏ ।

ହେଇ ସେ ଦିନ ଜହ୍ନରାତି ହୋଇଥାଏ । ମନ୍ଦିର ସଂପୂର୍ଣ୍ଣ ନିର୍ଜନ। ରାମକୃଷ୍ଣ ଏକାକୀ ବୁଲୁଛନ୍ତି ସାରା ପରିସର ମଧ୍ୟରେ । ଟିକିଏ ବି ଭୟ ନାହିଁ, ଆଶଙ୍କା ନାହିଁ । ମାଁର କରୁଣା ବଳୟ ଭିତରେ କାହାକୁ କାହିଁକି ବା ସେ ଭୟ କରିବେ ! ମନ୍ଦିରର ପୂଜାସ୍ଥଳୀରୁ ମାଁ ନିଜେ ଓହ୍ଲାଇ ଆସୁଛନ୍ତି କବାଟ ଫିଟାଇ। ପାହାଚ ଉପରେ ନିରବରେ ବସି ରହିଥିବା ରାମକୃଷ୍ଣଙ୍କ ମୁଣ୍ଡ ଉପରେ ହାତ ଦେଇ ଆଉଁସି ଆଣୁଛନ୍ତି। ପଚାରୁଛନ୍ତି କମଳ କଣ୍ଠରେ: "ଏତେ ବେଳଯାଏଁ ଶୋଇନାହୁଁ ତୁ ? କାହିଁକିରେ ?"

(କ୍ରମଶଃ...)

ଭିଜିଟିଙ୍ଗ ପ୍ରଫେସର, ସ୍ନାତକୋତ୍ତର ଓଡିଆ ବିଭାଗ, ଉତ୍କଳ ବିଶ୍ୱ ବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ମୋ:୯୯୩୭୩୬୫୬୯୮

## କବିତା...

### ॥ ସେ ବାଟରେ ଗଲାବେଳେ ॥

ବୃନ୍ଦାବନ ଦାସ

ସେ ବାଟରେ ଗଲାବେଳେ
ବାଟ ଓଗାଳେ
ହଠାତ୍ ଦଲକାଏ ଶୀତଳ ପବନ
ମୁହୂର୍ତ୍ତଟିଏ ହେଲେ ବି
ମୁଁ ଉଝେଇଦିଏ
ସବୁତକ ଅବସୋସ ଦୀର୍ଘଶ୍ୱାସ ।

ନିଜ ଭିତରୁ କେହିଜଣେ
ଏକମୁହାଁ ହୋଇ ଚାଲି ଯାଉଥାଏ
ଦୂରକୁ ଦୂରକୁ ।

ପାହାଡ ଶିଖରୁ ନିରବତା ଡେଇଁ
ଭାସି ଆସୁଥାଏ ସମ୍ମିଳିତ କଣ୍ଠୁଁ
ଅସ୍ପଷ୍ଟ ଅସ୍ପଷ୍ଟ ...
ବୁଦ୍ଧଂ ଶରଣଂ ଗଚ୍ଛାମି..ସଙ୍ଘମ୍
ଶରଣଂ...ଧର୍ମଂ....
ସେ ନିରବତାର ବି
ଗୋଟେ କରୁଣ ସୁର୍ ଥାଏ ।

ସେ ବାଟରେ ଯିବାବେଳେ ଲାଗେ
କୋଳାହଳ ବି ବେଶ୍ ନୀରବ ନୀରବ
ଟପ୍ ଟପ୍ ବର୍ଷା ବି ବେଶ୍ ସଙ୍ଗୀତ ସଙ୍ଗୀତ
ଖରା ବର୍ଷା ଶୀତ ଝାଞ୍ଜି
ଯେମିତି ମଥାନତ କରି
ବଡ ସଂଭ୍ରମରେ ଆତଯାତ ହେଉଛନ୍ତି
କେଉଁ କାଳଠୁଁ ଏଯାଏ ।

ପକ୍ଷୀ ଗାଇଲେ ଗୀତ
ପତ୍ରସବୁ କାନ ଡେରାନ୍ତି କିଏ ଆସୁଛି କି !
କେଉଁ ବୈରାଗୀ ଭିକ୍ଷୁର ଗୀତ ଛୁଉଁଥାଏ ଛାତି
ମାୟା ନାହିଁ ମମତା ନାହିଁ
ଅଳୀକ ଜୀବନ ଆଜି ଅଛି କାଲି ନାହିଁ
ଦୁଃଖ ଆଉ ବିଷାଦରେ ଦିନେ ରଙ୍ଗହୀନ
ହୋଇଯିବ ଏ ଜୀବନ ।

ଜରା ବ୍ୟାଧି ଶୋକ
ତା' ସତ୍ତ୍ୱେ ବି ନିର୍ବାଣର ମନ୍ତ୍ର
ନିଜ ଭିତରୁ ନଈହୋଇ ବହିଗଲେ
ସେଠି ଥିବ ଗୋଟେ ତଥାସ୍ତୁ ମୁଦ୍ରାରେ ହାତ
ତା' ଛଡା ଆଉ ନଥିବ କିଛି ।

❤ ଅଧ୍ୟାପକ: ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା -୭୫୪୨୮୯
ମୋ- ୯୭୭୭୮୪୩୦୩୧

### ॥ ଅଶିଣର ଅଗଣାରେ ॥

ପୂର୍ଣ୍ଣ ଦାସ



ଭାବରେ ଭାବରେ ଭରା ଶ୍ରାବଣ ତୁ
ମୁଁ ମୌନ ମାଟିର ମାୟା,
ତୁ ଆଶ୍ୱିନ ଶୋଭା ଶୁଭ୍ର କାଶଫୁଲ
ମୁଁ ଭସା ମେଘର ଛାୟା ।

ଦୁଃଖର ଦୋରୁଅ ସୁଖର ଦାରୁ ତୁ
ମେଘ ଓ ମାଟିର ଗୀତ,
ଶୁଭ୍ର ଶରତର ଶୋଭା ଶେଫାଳି ତୁ
ପାର୍ବଣର ମନମିତ ।

ପବନ ବଜାଏ ମହୁଆ ମହୁରି
କାଶତଣ୍ଡି ହୁଏ ଭୋଳ,
ନଈ ଅଇନାରେ ମେଘ ଦେଖେ ମୁହଁ
ହେଲେ ନିତି ଖରାବେଳ ।

ତୁ ନଈପଠାର ଅଶିଣା ପବନ
ମୁଁ ତୋ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୯ ଅକ୍ଟୋବର ୨୦୨୩

ସାଂପ୍ରତିକୀ

# ହୁଅନ୍ତୁ ପିଲାର ବନ୍ଧୁ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ବର୍ତ୍ତମାନର ମୋବାଇଲଧରା ବ୍ୟସ୍ତ ସମୟ ଭିତରେ ଆପଣଙ୍କ ପିଲା ଏକା ଏକା ରହିବାକୁ ଚେଷ୍ଟା କରୁଛି କି ? ବେଳେ ବେଳେ ଚୁପଚାପ, ଉଦାସ ଏହିପରି ମନୋଭାବ ତାର ଦେଖୁଛନ୍ତି କି ? ସ୍କୁଲ ଖୁବ ହେଲେ ଘର ଏହାରି ଭିତରେ ସେ ନିଜକୁ ବାନ୍ଧି ରଖିବା ପାଇଁ ଚେଷ୍ଟା କରୁଛି କି ? ଯଦି ହିଁ ତେବେ ଏହା ଅବୁଝା ନୁହେଁ ଯେ ସେ ନିଜର ବନ୍ଧୁଟିଏ ପାଇପାରୁନାହିଁ ଖୁସି, ସୁଖ, ଆନନ୍ଦକୁ ବାଣ୍ଟିବା ପାଇଁ। ତେବେପ ଏହାକୁ ଛୋଟିଆ କଥା ଭାବନ୍ତୁ ନାହିଁ। ଏହା ନିଶ୍ଚିନ୍ତ ଭାବେ ବଡ଼ କଥା। କାରଣ ଏହା ପିଲାର ଶାରୀରିକ, ବୌଦ୍ଧିକ ଓ ସାମାଜିକ ଅଭିବୃଦ୍ଧିର ବାଧକ ନିଶ୍ଚୟ। ଏହିପରି ଉଦାସ ରହୁଥିବା ପିଲାଙ୍କ ହାବଭାବ ପରବର୍ତ୍ତୀ ସମୟ ପାଇଁ ଭଲ ହୋଇନଥାଏ। କାରଣ ପିଲାଟି ତାର ଜଣେ ବନ୍ଧୁ ପାଇଲେ ପ୍ରଥମତଃ ଏକଲାପଣକୁ ଦୂରେଇ ପାରିବ ଦ୍ୱିତୀୟତଃ ତା ମନକଥା ବାଣ୍ଟପାରିବ ଆଉ ନିଜ ଜୀବନକୁ ନେଇ ସେ ଖୁବ ଖୁସିରେ ଆଗେଇ ପାରିବ ମଧ୍ୟ। ବର୍ତ୍ତମାନର ସମୟରେ ଅନେକ ପିଲା ବାହାରକୁ ନଯାଇପାରି ପ୍ରାୟତଃ ଅନେକ ସମୟ ଘର ଭିତରେ ଏକ ପ୍ରକାର ଆବଦ୍ଧ ହୋଇ ରହୁଥିବାରୁ, ପିଲାଟିର ମାନସିକ, ଶାରୀରିକ ଓ ବୌଦ୍ଧିକ ସ୍ଥିତି ସମ୍ପର୍କରେ ଅନେକ ବାପାମାଆ ଅଜଣା ଥାଆନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି କୋମଳମତି ପିଲାଟିର ମନକୁ ବୁଝି ତା'ପାଇଁ କିଛି ସମୟ କାଢ଼ିଲେ ତାର କଅଁଳ ମନ ଆସନ୍ତା କାଲିର ଏକ ଉଜ୍ଜ୍ୱଳ ସମାଜ ପାଇଁ କ୍ଷେତ୍ର ଯେ ସୃଷ୍ଟି ନକରିପାରିବ ତାହା କିଏ ବା ନ କହିବ ? ଅନେକ ସମୟରେ ପାରିବାରିକ ଝଡ଼ଝଞ୍ଝା, ବାପା-ମାଆ ବା ଆତ୍ମୀୟ ସ୍ୱଜନଙ୍କ ଭିତରେ ମନାନ୍ତର, ମତାନ୍ତର ଏପରି ଅଘଟଣ ପିଲାମାନଙ୍କୁ ଯଥେଷ୍ଟ ଆଘାତ ଦେଇଥାଏ।

ଶିଶୁର ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ ।

> **ଶିଶୁର ନିଷ୍ପାପ ଚକ୍ଷୁଯୁଗଳରେ ଲୁଚି ରହିଥାଏ ଆଗାମୀ ଭବିଷ୍ୟତର ଗୁଚ୍ଛଗୁଚ୍ଛ ସ୍ୱପ୍ନ । ମନରେ ଅନାବନା ଅନେକ ପ୍ରଶ୍ନ, କିଏ କ'ଣ କାହିଁକି, କିପରି - କିଏ ବା ସମର୍ଥ ହେବ ସେ ପ୍ରଶ୍ନମାନଙ୍କର ଉତ୍ତର ଦେବାକୁ । ସାଂପ୍ରଦାୟିକତା, ଜାତିଗତ ବିଦ୍ୱେଷ, ଅନ୍ଧ ପରମ୍ପରା ଓ ପ୍ରଦୂଷିତ ପରିବେଶ ଭିତରେ ଅହରହ ଜୀବନ ପାଇଁ ସଂଗ୍ରାମ କରୁଥିବା ସାଧାରଣ ମଣିଷ କ'ଣ ଜିତିପାରିବ ଶିଶୁମାନଙ୍କର ଚଳଚଞ୍ଚଳ ମନ ଓ ଚିନ୍ତାଧାରାକୁ ।**

ଜୀବନର ପ୍ରାରମ୍ଭରୁ ଶିଶୁ, ପ୍ରକୃତି, ସମାଜ ଓ ପରିବେଶ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ଥାଏ । ତାର, ଭାଷା, ବ୍ୟବହାର, ଚାଲିଚଳଣୀ ଓ ସଦାଚାର ଶିକ୍ଷା କରିଥାଏ ପରିବାରରୁ ବିଶେଷତଃ ସମାଜ ତଥା ପରିବେଷ୍ଟିନୀ ମାନଙ୍କ ଠାରୁ । ଗ୍ରାମାଞ୍ଚଳର ଶିଶୁଟିଏ ଶିକ୍ଷିତ ପରିବାର ଶିଶୁଠାରୁ ନିଶ୍ଚୟ ପୃଥକ ଓ ଭିନ୍ନ ଗୁଣର କେବଳ ପରିବେଶ ପାଇଁ । ଉପଯୁକ୍ତ ପରିବେଶ ଶିଶୁଟିକୁ ଉପଯୁକ୍ତ ମଣିଷ କରି ଗଢ଼ିତୋଳେ - ଏହା ନିରାଟ ସତ୍ୟ । ତେବେ ଶିଶୁ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେଲେ ଆବଶ୍ୟକ ଉପଯୁକ୍ତ ଶିକ୍ଷାର ପ୍ରସାର । ସହରାଞ୍ଚଳ ଶିଶୁମାନଙ୍କ ଠାରୁ ପ୍ରାରମ୍ଭ କରି ଗ୍ରାମାଞ୍ଚଳର ଶିଶୁମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ କିପରି ଉପଯୁକ୍ତ ଭାଷା, ଶିକ୍ଷା ଓ ଜ୍ଞାନ ପହଞ୍ଚିପାରିବ ସେଥିପାଇଁ ସମାଜ ଓ ସରକାର ସଚେତନ ହେବା ଉଚିତ । ପ୍ରତ୍ୟେକ ପରିବାର ନିଜ ନିଜ ଶିଶୁଙ୍କର ଜ୍ଞାନ ବୃଦ୍ଧି, ଚାଲିଚଳଣୀ ଓ ସୁବ୍ୟବହାର ପ୍ରତି ନଜର ଦେବା ସହ ସେମାନଙ୍କର ଜ୍ଞାନର ବିକାଶ କିପରି ସମ୍ଭବ ହେବ, ସେଥିପାଇଁ ତତ୍ପରତା ପ୍ରକାଶ କରିବା ଆବଶ୍ୟକ ।

ପିଲାମାନଙ୍କର ସାମାଜିକ ବ୍ୟବହାର ଉପରେ ଧ୍ୟାନ ଦେଇ ତାର ମନ ଭିତରର ଲାଜକୁଳା ଗୁଣକୁ ପ୍ରଥମତଃ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି ପିଲାମାନଙ୍କୁ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେବା ମିଳାମିଶା କରିବା ସର୍ବୋପରି ନିଜର ସମସ୍ୟା ଜଣାଇବା ଏହିପରି ଗୁଣକୁ ଶିଖାନ୍ତୁ। ମନେରଖନ୍ତୁ ପିଲାମାନଙ୍କୁ କେବେ ସେମାନଙ୍କର ଭାଇଭଉଣୀ ହୁଅନ୍ତୁ ବା ପଡ଼ୋଶୀ କିମ୍ବାର ସେମାନଙ୍କର କ୍ଲାସମେଟ କସ୍ମିନ କାଳେ ତୁଳନା କରନ୍ତୁ ନାହିଁ। ଏପରିକି ନିଜ ପିଲାଦିନର କୌଣସି ଘଟଣା କହି ପିଲାମାନଙ୍କ ଭିତରେ ତୁଳନାର ଚିତ୍ର ଦିଅନ୍ତୁ ନାହିଁ। ଏହା ଅପେକ୍ଷା ତାକୁ ବେଶ ସ୍ୱାଭାବିକ ଓ ଖୋଲା ହୃଦୟର ଶିଖାନ୍ତୁ। ବନ୍ଧୁ ତିଆରି କରିବା, ନିଜ ସୁଖଦୁଃଖ ବାଣ୍ଟିବା, ସମସ୍ତଙ୍କ ସହିତ ମିଳିମିଶି ସଦଭାବର ସହ ବଞ୍ଚିବା ଏହି କଳା ହିଁ ପିଲାଟିକୁ ଶିକ୍ଷା ଦିଅନ୍ତୁ।

ପିଲାଟିର ବାପା-ମାଆ ସେମାନଙ୍କର ରୋଲମଡ଼େଲ ହୁଅନ୍ତୁ। ସବୁବେଳେ ପିଲାମାନଙ୍କ ସାମ୍ନାରେ ନିଜେ ବେଶ ଖୋଲା ଭାବେ ସମୟ ବିତାନ୍ତୁ। ପିଲାଟି ସାମାଜିକ ଭାବେ କାହା ସହିତ ନ ମିଶି ପାରୁଥିଲେ ତାକୁ ମନସ୍ତାତ୍ତ୍ୱିକ ଭାବେ ପ୍ରେରଣା ଦେଇ ତାର ସହପାଠୀ ବା ବନ୍ଧୁ ମାନଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରନ୍ତୁ। ଅନେକ ବାପା-ମାଆ ନିଜେ ଚୁପ ଚାପ ସ୍ୱଭାବର ହୋଇଥିବାରୁ ପିଲାମାନେ ଜନ୍ମରୁ ପ୍ରାୟତଃ ସେହି ଗୁଣକୁ ଆଦରି ଥାଆନ୍ତି। ତେଣୁ ପିଲାମାନଙ୍କୁ ସମୟ ଦିଅନ୍ତୁ କେବଳ ମୋବାଇଲ, ପଇସା ବା ତାଙ୍କ ଆବଶ୍ୟକତା ଯୋଗାଇ ଦେଲେ ଆପଣ ପିଲାର କେବେ ହେଲେ ବନ୍ଧୁ ହୋଇପାରିବେ ନାହିଁ କାରଣ ଛୋଟ ପିଲାଟି ଭିତରେ ଅନେକ ପ୍ରଶ୍ନ, ଅନେକ ଘଟଣାର ଉତ୍ତର ସେ ଖୋଜିଥାଏ। ଏପରି କ୍ଷେତ୍ରରେ ସେ ଜଣେ ନିଶ୍ଚିନ୍ତ ଓ ସତ ପରାମର୍ଶ ପାଉଥିବା ବନ୍ଧୁଟି ଆବଶ୍ୟକ କରିଥାଏ ଯେଉଁ କାର୍ଯ୍ୟଟି ବା ତାର ପ୍ରଥମ ବନ୍ଧୁ ଭାବେ ତା ମାଆ ବାପା ରହିବେ। ଆଉ ଗୋଟିଏ ବଡ଼ କଥା ମନେରଖନ୍ତୁ, ଅନେକ ସମୟରେ ଶିଶୁ ଅବାଧ ହେଲେ ଆମେ ତାକୁ ବିଭିନ୍ନ ଭୟ ଦେଖାଇଥାଉ, ଏହାଫଳରେ ତା'ଉପରେ ମାନସିକ ଚାପ ପଡ଼ିଥାଏ । ଫଳରେ ଅନେକ ସମୟରେ ଶିଶୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ନିଜର ସାହାସ ହରାଇ ବସେ । ସେହିପରି ପିଲା ଭୁଲ୍ କରି ବସିଲେ ଆମେ ତାକୁ ମାଡ଼ ଦେଉ ଓ ଆଉ ଭୁଲ୍ ନକରିବା ପାଇଁ ନିର୍ଦ୍ଦେଶ ଦେଉ । ତାଦ୍ୱାରା ପିଲା ଭୁଲ୍ କରେନି ସତ କିନ୍ତୁ ସେ ଆଉ ଠିକ୍ କରିବା ପାଇଁ ମଧ୍ୟ ଅଗ୍ରସର ହୁଏ ନାହିଁ ମନରେ ରହିଯାଏ ଭୟ ଆଶଙ୍କା । ଏପରି ନକରି ପିଲାକୁ ନିର୍ଦ୍ଦିଷ୍ଟ ବିଷୟ ଉପରେ ତନ୍ନ ତନ୍ନ କରି ବାରମ୍ବାର ବୁଝାଇବା ଦରକାର । ଶିଶୁର ମନ ଚଳଚଞ୍ଚଳ ସେ ଯାହା କରି ବସେ ତାହା ଭୁଲ କି ଠିକ୍ ସେ ଚିନ୍ତା କରିନଥାଏ । ଅନୁକରଣ ପ୍ରୀୟ ହୋଇଥିବାରୁ ଯାହା ସମାଜରୁ ଗ୍ରହଣ କରେ ତାହା ନିଜପାରୁ ପର୍ଯ୍ୟନ୍ତ ସେ କରିବାକୁ ସକ୍ଷମ ହୋଇଥାଏ । ପରିବେଶର ପ୍ରଭାବ ତା ଉପରେ ଚାପ ସ୍ୱରୂପ ଲଦି ହୋଇପଡ଼େ । ଆପଣ କେବେ ଭୁଲିଯାଆନ୍ତୁ ନାହିଁ ପିଲାଟି ହେଉଛି ଆପଣଙ୍କର ପ୍ରତୀକ। ଆପଣଙ୍କର ଶାରୀରିକ ଓ ମାନସିକ ପ୍ରତିଫଳନର ସେ ଚିତ୍ର। ତେଣୁ ପିଲାଟି ଦିନରୁ ହିଁ ତାକୁ ସତ୍ ଶିକ୍ଷା ଓ ସତ୍ ପରାମର୍ଶ ଦେବା ସହ ଉତ୍ତମ ଜୀବନ ଗଢ଼ିବା ନିଜ ପଡ଼ୋଶୀ, ସମାଜ ଓ ରାଷ୍ଟ୍ର ପାଇଁ ନିଜ ଉତ୍ତମ ସେବା ମନୋଭାବ ସୃଷ୍ଟି କରାଇବାର ପ୍ରାଥମିକ ଦାୟିତ୍ୱ ବାପା ମାଆଙ୍କର। ବାପାମାଆ ମାନେ ନିଜେ ଆଗେ ସଦଗୁଣର ଅନୁଶୀଳ କରି ପିଲାମାନଙ୍କୁ ସେହି ରାସ୍ତାରେ ଆଗେଇ ନେଲେ ପିଲାମାନେ ଉତ୍ତମ ବନ୍ଧୁ ପାଇପାରିବେ ଆଉ ଉତ୍ତମ ଜୀବନ ସେମାନଙ୍କ ଜୀବନ ଅଭିବୃଦ୍ଧି ବିକାଶର ଆଲୋକବର୍ତ୍ତିକା ସାଜିବ।

❤ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
(ମୋ) ୯୪୩୭୧୨୪୦୭୪

ଗୋଟେ ବଡ଼ ଗପ

# ବିଦୀର୍ଣ୍ଣ ବସୁଧା



ଡ. ରତିକାନ୍ତ ବେହେରା

ବାହାରେ, ଘରସାମ୍ନା ରାସ୍ତା ଉପରେ ହର୍ଣ୍ଣମାରି କାର୍ ଅଟକିବାର ଶବ୍ଦରେ କଥାକାର ସୁଦର୍ଶନ ଶ୍ରାବଣର ନଦୀପରି ଆନନ୍ଦରେ ଉଛୁଳି ପଡ଼ିଲେ। ଆଠଦଶ ଦିନର ବ୍ୟବଧାନ ପରେ ଏହା ଶ୍ରୀମତୀଙ୍କର ପିତୃଗୃହରୁ ପ୍ରତ୍ୟାବର୍ତ୍ତନ ନିଶ୍ଚୟ । ସ୍ୱାଭାବିକ ଭାବେ ଆନନ୍ଦିତ ହେବା ଯେ କୌଣସି ପତ୍ନୀଚାତପ୍ରାଣ ସ୍ୱାମୀ ପାଇଁ ସ୍ୱତଃସିଦ୍ଧ। ଏଥିରେ ବା ବ୍ୟତିକ୍ରମ ହେବ କାହିଁ ? ଅବଶ୍ୟ ସକାଳେ ପତ୍ନୀ ସୁନନ୍ଦାଦେବୀ ଫୋନ୍ ଯୋଗେ ସମ୍ବାଦଟି ଦେଇଥିଲେ ସୁଦର୍ଶନଙ୍କୁ । "ମୁଁ ଆଜି ଯାଉଛି। ତେବେ କେତେବେଳେ ପହଞ୍ଚିବି, ତାହା ମୋର ଏଠୁ ବାହାରିବା ଉପରେ ନିର୍ଭର କରେ। ଏତେ ବର୍ଷ ପରେ ଆସିଚି ଯେତେବେଳେ, ଏଠୁ କେତେ ଶୀଘ୍ର ଲେଉଟି ପାରିବି, ତାହା ଏଠିକାର ପରିସ୍ଥିତି ଓ ସମୟ କହିବ। ଶତାଧିକ କୋଶ ରାସ୍ତା ଅତିକ୍ରମ ପାଇଁ ସମୟ କଳନା କରିବା ସମ୍ଭବ ନୁହେଁ। ପୁଣି ଗ୍ରାମ୍ୟ ସଡ଼କ ତହିଁରୁ ଅଧାଅଧି।

ସମୟ ଅପରାହ୍ନ ଚାରିଟା। ଘରଟା ଭିତରେ ସୁଦର୍ଶନ ଏକା। ଦ୍ୱିପ୍ରହରେ ଠିକା ଚାକରାଣୀ ସୁଦର୍ଶନଙ୍କ ପାଇଁ ରଂଧାରଂଧି କରି ଖାଇବାକୁ ଦେଇଯାଇଚି। ସଂଧ୍ୟାକୁ ଆସିଲେ ଘର ଓଳେଇ, ବାସନ ଧୋଇ ପୁଣି ରାତି ପାଇଁ ରୁଟି ତରକାରୀ ବନେଇବ।

ଏଇ କେତେଦିନ ହେଲା ସୁନନ୍ଦାଙ୍କ ଅନୁପସ୍ଥିତିରେ ସୁଦର୍ଶନ ଏକା ଏକା ଘରଟା ଭିତରେ ଚଳପ୍ରଚଳ ହୁଅନ୍ତି । କେତେବେଳେ ବହି କିମ୍ବା ମାଗାଜିନ୍ ଖୋଲି ପଢ଼ି ବସନ୍ତି କିମ୍ବା ଲେଖାଲେଖିରେ ମନୋନିବେଶ କରନ୍ତି । କିଛି ସମୟ ବିତେଇଥାନ୍ତି ସେ ଟି.ଭି.ଚେନେଲ୍‌ରେ। ପୁଅବୋହୂ ଓ ଝିଅଜ୍ୱାଇଁ ବାହାରେ । ସାଂପ୍ରତିକ ସମୟର ଏକ ନୂଆ ପାରିବାରିକ ଢ଼ାଞ୍ଚା । ଆଧୁନିକ ସଭ୍ୟତାର ଏକ ଭିନ୍ନ ନିଦର୍ଶନ।

ନିଜ ଭାଷା ସାହିତ୍ୟକୁ ନିରୋଳା ଭଲ ପାଉଥିବା ଜଣେ ଦରଦୀ କଥାଶିଳ୍ପୀ ଭାବେ ସୁଦର୍ଶନ ବାବୁ ସାହିତ୍ୟିକ ମହଲରେ ବେଶ୍ ଜଣାଶୁଣା। କେବଳ ପତ୍ରପତ୍ରିକା ନୁହେଁ, ସାତ ଆଠଗୋଟି ଗଳ୍ପ ସଂକଳନ ମଧ୍ୟ ତାଙ୍କର ପ୍ରକାଶିତ ହୋଇସାରିଛି। ଚାକିରିରୁ ଅବସର ପରେ ସେ ଏ ଦିଗରେ ଅଧିକ ମନୋନିବେଶ କରିଛନ୍ତି। ଅବସରକାଳୀନ ଦୁଃସହ କର୍ମହୀନ ଯନ୍ତ୍ରଣାରେ ଆଦୌ ଜର୍ଜରିତ ନୁହନ୍ତି ସେ।

କାର୍ ଶବ୍ଦ ଶୁଣି ସୁଦର୍ଶନବାବୁ ବାଲ୍‌କୋନିକୁ ଆସିଲେ । କବାଟ ଖୋଲି ଉପରୁ ଲକ୍ଷ୍ୟ କଲେ ଗେଟ୍ ପାଖରେ ପତ୍ନୀ ସୁନନ୍ଦା, ତାଙ୍କ ପୁତୁରା ଲିଟୁ କାର୍ ଭିତରୁ ଜିନିଷପତ୍ର ଓହ୍ଲେଇବାରେ ବ୍ୟସ୍ତ। ସହାୟତା କରୁଛି କାର୍ ଡ୍ରାଇଭର୍।

"ତୁମେ ଆଉ କାହିଁକି ତଳକୁ ଆସୁଚ ? କେତେ ବା ଜିନିଷ, ଆମେ ନେଇଯିବୁ।" ସୁଦର୍ଶନବାବୁ ତଳକୁ ଓହ୍ଲେଇ ଯିବାକୁ ଉଦ୍ୟତ ହେଲାବେଳକୁ ନିର୍ଦ୍ଦେଶ କଲେ ସୁନନ୍ଦା ।

ସୁନନ୍ଦା ଗୃହିଣୀ, ଚାଳିଶବର୍ଷ ତଳେ ସୁଦର୍ଶନଙ୍କର ହାତଧରି ଆସିଥିଲେ ତାଙ୍କ ସହିତ ଘର ବାଂଧିବାକୁ । ସମଗ୍ର ଜୀବନ ଦୁଃଖକଷ୍ଟେ ସହି, ମତ ଓ ମତାନ୍ତର ଭିତରେ ସଂସାର ସମ୍ଭାଳି ଆସିଛନ୍ତି ସେ । ଛୋଟ ଏକ କିରାଣି ଚାକିରିକୁ ସମ୍ବଳ କରି ପିଲା ଦିଓଟିକୁ ମଣିଷ କରିଛନ୍ତି । ଭୁବନେଶ୍ୱର ପରି ମହାନଗରୀରେ ମୁଣ୍ଡ ଗୁଂଜିବାକୁ ଦୁଇମହଲା ବିଶିଷ୍ଟ ଘର ଖଣ୍ଡେ ବନେଇଛନ୍ତି । ହାତଖୋଲା ଖର୍ଚ୍ଚ କରିପାରି ନାହାନ୍ତି, ଜୀବନରେ ଅୟସ୍ କ'ଣ ଜାଣି ନାହାନ୍ତି । ଏବେ ଅବସର ଜୀବନ କିଛିଟା ଆର୍ଥିକ ଆଶ୍ୱସ୍ତି ଆଣି ଦେଇଛି ଉଭୟଙ୍କୁ । ଘରଭଡ଼ା ଆଉ ପେନ୍‌ସନ୍‌ରେ ବେଶ୍ ଆରାମ୍ କରିହେଉଛି । ପୁଅବୋହୂଙ୍କ ଉପରେ ଆଦୌ ନିର୍ଭର କରି ନାହାନ୍ତି ।

ଆଠଦଶଦିନ ତଳେ ସୁନନ୍ଦା ଯାଇଥିଲେ ପିତୃଗୃହକୁ ନିଜ ସାନପୁତୁରାର ବାହାଘରକୁ, ପ୍ରାୟ ଛ'ବର୍ଷର ବ୍ୟବଧାନ ପରେ। ରହିଗଲେ ପିତ୍ରାଳୟରେ, ନିଜ ଷଠିଘର ମୋହରେ। ବାହାଘର ପରେ ଚତୁର୍ଥୀ । ତା'ପରଦିନ ସୁନନ୍ଦା ଫେରି ଆସିଥାନ୍ତେ ଭୁବନେଶ୍ୱର, ହେଲେ ଭାଇଭାଉଜଙ୍କ ସ୍ନେହର ଆତିଶଯ୍ୟାରେ ରହିଗଲେ ଆଉ କେଇଟାଦିନ। ଜଣେଇ ଦେଇଥିଲେ ସୁଦର୍ଶନଙ୍କୁ "ମୁଁ ଏବେ ଯାଇପାରୁନାହିଁ। ଭାଇ ଭାଉଜ ଜିଗର କରୁଛନ୍ତି ଆଉ କେଇଟା ଦିନ ରହିଯିବାକୁ। ତୁମେ ବ୍ୟସ୍ତ ହେବ ନାହିଁ, ଖୋଜିବ ନାହିଁ ମୋତେ। ଆଉ ପାଞ୍ଚ ଛ'ଦିନ ପରେ ମୁଁ ଯାଇ ପହଞ୍ଚିବି ଭୁବନେଶ୍ୱରରେ।"

ପନିପରିବା, ବଡ଼ି, ଆଚାର, ଲୁଟାପଟା ଓ ମିଠାମିଠିର ଅତିଶୟ ଦ୍ରବ୍ୟାଦିର ସଂଭାର ସହିତ ସୁନନ୍ଦା ଆସି ପହଞ୍ଚିଲେ ନିଜ ଘରେ। ସାମାନ୍ୟ କିଛି ଜଳଯୋଗ ପରେ ଲିଟୁ ସଂଗେସଂଗେ ଗାଁକୁ ଫେରିଯିବ ବୋଲି ପିଉସୀଙ୍କୁ ସୂଚନା ଦେଲା, ଯାହା ଭିତର ଘରୁ ଥାଇ ଶୁଣିପାରିଲେ ସୁଦର୍ଶନ।" ନାନୀ ! ମୁଁ ଏବେ ଫେରିଯିବି। ଗୋଟିଏ ଦିନ ମାତ୍ର ସଫର୍ ପାଇଁ ଡ୍ରାଇଭର୍ ସହିତ ଚୁକ୍ତି ହୋଇଛି । ତା'ଛଡ଼ା ମୋର ବି କାଲି କିଛି ଜରୁରି କାର୍ଯ୍ୟ ଅଛି। ଏବେ ଗଲେ ରାତି ସାତ ସାଢ଼େ ସାତ ସୁଧା ଆମେ ଗାଁରେ ପହଞ୍ଚିଯାଇ ପାରିବୁ।"

ଲିଟୁ ବ୍ୟବସାୟୀ ଓ ଛୋଟମୋଟର ଜଣେ ସ୍ଥାନୀୟ ଠିକାଦାର; ଏକଥା ଜାଣନ୍ତି ସୁଦର୍ଶନ। ତଥାପି ଗୋଟେ ଦିନ ରହିଗଲେ ଏମିତି କିଛି ପୁରାଣ ଅଶୁଦ୍ଧି ହୋଇଯିବ ନାହିଁ। କହିଲେ, ଗାଡ଼ିଟି ଭଡ଼ା ଗାଡ଼ି ନା ଯେ ନିଜର ?"

"ନାଇଁ ମୋର। ଏଇ ତିନିମାସ ତଳେ ନଗଦ ଟଂକା ନ' ଲକ୍ଷ ଦେଇ କିଣିଛି। ନିଜେ ଡ୍ରାଇଭିଂ ଶିଖିଛି, ହେଲେ ଏତେ ଦୂର ରାସ୍ତା ଯିବା ଅଭ୍ୟାସ ହୋଇନାହିଁ। ସେଥିପାଇଁ ଚୁକ୍ତି ଭିତ୍ତିରେ ଏଇ ଡ୍ରାଇଭର୍ ଆସିଛି। ସେ ଆଦୌ ରହିବାକୁ ରାଜି ନୁହେଁ ।" - ସଗର୍ବେ କହିଲା ପୁତୁରା ଲିଟୁ।

ଯା' ଭିତରେ ଲିଟୁର ଆର୍ଥିକ ସ୍ୱଚ୍ଛଳତା ବଢ଼ିଛି ବୋଲି ତା' ଆତ୍ମଚାରିତାରୁ ଅନୁମାନ କଲେ ସୁଦର୍ଶନ। ଆଜିକାଲି ଗାଁ ଆଉ ସହର ଭିତରେ ଫରକ୍ କମି ଆସୁଚି। ତାଙ୍କ ପଢ଼ାବେଳର କଥା । ଗାଁରୁ ୟୁନିଭର୍‌ସିଟି ଆସିବାକୁ ପୂରା ଗୋଟିଏ ଦିନ ଲାଗି ଯାଉଥିଲା । ଏବେ କେତେ ସହଜ ହୋଇଗଲାଣି ଯାତାୟାତ । ତାଙ୍କ ଗାଁଠାରୁ ଆହୁରି ଅଧିକ ରାସ୍ତା ଅତିକ୍ରମ କରିବାକୁ ମାତ୍ର ଦୁଇତିନିଘଣ୍ଟା ସମୟ ଲୋଡ଼ା ପଡୁଛି । ପୁଣି ନିଜସ୍ୱ କାର୍ ନେଇ ଆସିଚି ଲିଟୁ। ଗୋଟିଏ ରାତି ଅଟକିଗଲେ କ'ଣ ବା ଅସୁବିଧା ? ତେବେ ଲିଟୁ କହିବା ମୁତାବକ ଡ୍ରାଇଭର୍ ହିଁ ସମସ୍ୟା ।

"କିଛି ନାହିଁ, ଡ୍ରାଇଭର୍ ଆଉ ଗୋଟିଏ ଦିନର ପାରିଶ୍ରମିକ ନେବ, ନେଉ ! ତୋ ପାଖରେ ଟଂକା ପଇସାର କ'ଣ ଅଭାବ ଅଛି ?" - କହିକହି ଘର ଭିତରୁ ବାହାରି ଆସିଲେ ସୁଦର୍ଶନ। ଅବଶ୍ୟ କଥାରେ ତାଙ୍କର ମୃଦୁ ଶ୍ଳେଷ ପୂରି ରହିଥିଲା ।

ପିଉସାଙ୍କ ବକ୍ତବ୍ୟରେ ବେଶ୍ କିଛି ଅର୍ଥ କରି ବସିଲା ଲିଟୁ। ଯଦି ଆଉ ଗୋଟିଏ ଦିନ ସେ ଡ୍ରାଇଭରକୁ ଅଟକାଏ, ତାହାଲେ ଡ୍ରାଇଭର୍ ଆଉ ପାଞ୍ଚଶହ ଟଂକା ଅଧିକ ଦାବି କରିପାରେ !

ଲିଟୁ ସୁଦର୍ଶନଙ୍କ କଥାରେ ଶଂକିଗଲା ନାହିଁ। ବରଂ ଏକ ଅର୍ଥପୂର୍ଣ୍ଣ ସ୍ମିତ ହାସ୍ୟରେ କଣେଇ ଚାହିଲା ପିଉସାଙ୍କୁ। କହିଲା, "ନାଇଁ, ତା'ର କାଲି ସକାଳେ ଅନ୍ୟ ଜଣେ ମାଲିକର ଗାଡ଼ିନେଇ କୌଣସି ଏକ ଦୂର ସ୍ଥାନକୁ ଯିବାର ଅଛି। ଏଣୁ ଆମେ ଏବେ ହିଁ ଚାଲିଯିବୁ ।"

"ହଉ, ଠିକ୍ ଅଛି। ଆଉ କେଉଁଦିନ ସମୟ ସୁବିଧା ଦେଖି ବୋହୂ ଓ ନାତିକୁ ଧରି ଆସିବୁ। ଦୁଇଦିନ ରହି ତମେମାନେ ବୁଲାବୁଲି କରି ଫେରିବ।" - ଦଣ୍ଡେ ରହି ପ୍ରତ୍ୟକ୍ଷ ଅନୁମତି ଦେଲେ ସୁଦର୍ଶନ, ଲିଟୁର ପ୍ରତ୍ୟାବର୍ତ୍ତନକୁ।

ପିଉସା କାର୍ କିଣି ପାରି ନାହାନ୍ତି ସମଗ୍ର ଜୀବଦ୍ଦଶାରେ । କିନ୍ତୁ ସେ ଏଇ ଯୁବା ବୟସରୁ କାର୍‌ଟେ କିଣି ପାରିଛି - ଏମିତି ଆତ୍ମପ୍ରସାଦ ଜନିତ ସ୍ମିତ ହସ ଟିକକ ଏବେ ସୁଦ୍ଧା ଲାଖି ରହିଛି ଲିଟୁ ଓଠରେ । ଲିଟୁ ବସିଚି ଡାଇନିଂ ଚେୟାର୍‌ରେ । ସୁଦର୍ଶନ ବାବୁ ଘର ଭିତରୁ ଆସି ବସିଛନ୍ତି ଡାଇନିଂର ଗୋଟେ କଡ଼କୁ ପଡ଼ିଥିବା ସୋଫାରେ । ସୁନନ୍ଦାଦେବୀ ଜିନିଷପତ୍ର ସଜାଡ଼ି ରଖିବାରେ ବ୍ୟସ୍ତ ।

ଲିଟୁର ଆତ୍ମପ୍ରସାଦ ଜନିତ ସ୍ମିତହସର କୌଣସି ପ୍ରଭାବ ପଡ଼ିଲା ନାହିଁ ସୁଦର୍ଶନଙ୍କ ଉପରେ । ବରଂ ଲିଟୁର ଆଗମନ ମୁହୂର୍ତ୍ତରୁ ଖୁସିର ଯେଉଁ ଧାରଟେ ଝରଣା ପରି ପ୍ରଭାବିତ ହେଉଥିଲା ତାଙ୍କ ଭିତରେ, ତାହା ଏ ପର୍ଯ୍ୟନ୍ତ ବି ଅବ୍ୟାହତ ରହିଛି । କାରଣ ଜୀବନରେ କେବେ କାର୍‌ଖଣ୍ଡେ କିଣିବାର କଳ୍ପନା ସେ କରି ନାହାନ୍ତି । ସଂସାର ଓ ପରିବାରର ମୌଳିକ ଆବଶ୍ୟକତାର ଘୂର୍ଣ୍ଣି ଭିତରେ ସେମିତି ବାସନାଟେ ପଶିଆସିବାକୁ ସଂକୋ

# ସୃଜନ ସ୍ୱାକ୍ଷର

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ
ନାଗେଶ୍ୱରପଲ୍ଲୀ, ଆଳୁପୁର, ତାମୁଳିଆ ରୋଡ, ବାଲେଶ୍ୱର-୧
(ମୋ) ୯୪୩୭୨୯୪୮୬୯




ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓଡିଆ ସାରସ୍ୱତ ଜଗତରେ ଏକ ପ୍ରିୟ ଓ ପରିଚିତ ନାମ । ଦୀର୍ଘ ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ବ୍ୟାପି ସେ ତାଙ୍କ ସାହିତ୍ୟ ସାଧନା ଅବ୍ୟାହତ ରଖିଛନ୍ତି । ବହୁମୁଖୀ ପ୍ରତିଭାର ଅଧିକାରୀ ଡ. ତ୍ରିପାଠୀ ଏକାଧାରରେ ଜଣେ କବି, ସମାଲୋଚକ, କଥାକାର, ଶିଶୁସାହିତ୍ୟ ସ୍ରଷ୍ଟା, ସଂଗଠକ ଓ ସମାଜସେବୀ । ସମକାଳର କାବ୍ୟଧାରା ମଧ୍ୟରୁ ଲକ୍ଷ୍ମୀକାନ୍ତଙ୍କ କବିତାଗୁଡିକ ସ୍ୱତଃ ବାରିହୋଇପଡେ । ସରଳ, ତରଳ ଶବ୍ଦ ପ୍ରୟୋଗ, ସୂକ୍ଷ୍ମ ଚିନ୍ତନ ଓ ଅନନ୍ୟ ଭାବପ୍ରବଣତା ତାଙ୍କୁ ସବୁବେଳେ ଅନ୍ୟମାନଙ୍କ ଠାରୁ ନିଆରା ଭାବେ କରିଥାଏ ଚିହ୍ନିତ । ଏଯାବତ୍ ତାଙ୍କର ତିନୋଟି କବିତା ସଂକଳନ, ଚାରୋଟି ରମ୍ୟରଚନା, ଦୁଇଟି କ୍ଷୁଦ୍ରଗଳ୍ପ ଗୋଟିଏ ଉପନ୍ୟାସ, ତିନୋଟି ପ୍ରବନ୍ଧ/ ସମାଲୋଚନା ଓ ଗୋଟିଏ କବିତାରେ କଥାବାର୍ତ୍ତା (ସାକ୍ଷାତକାର) ପୁସ୍ତକ ପ୍ରକାଶିତ ହୋଇ ତାଙ୍କୁ ଦେଇଛି ଗୋଟେ ସ୍ୱତନ୍ତ୍ର ପରିଚୟ । ଏପରି ଜଣେ କବି ତଥା ବ୍ୟଙ୍ଗାକାର ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଆଜିର ସୃଜନ ସ୍ୱାକ୍ଷରରେ....

ପ୍ରସ୍ତୁତି : ସୌରିନ୍ଧ୍ରୀ ସାହୁ



## 'କେଉଁଠି ଖୋଜିବି ତାକୁ'ର କବିତ୍ୱ ଆକଳନ

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚିତ 'କେଉଁଠି ଖୋଜିବି ତାକୁ' କବିତା ଗ୍ରନ୍ଥକୁ ଅଧ୍ୟୟନ କଲେ ତାହା ସାଂପ୍ରତିକ କାଳରେ କବିତା ଖଣ୍ଡ ସହ ସାମଞ୍ଜସ୍ୟ ରଖିପାରିଛି ବୋଲି ମନେ ହୋଇଥାଏ। ଶବ୍ଦ ସଂଯୋଜନରେ, କବିତାର ଲଳିତ ପଣରେ, ଚରିତ୍ର ଚିତ୍ରଣରେ, ବର୍ଣ୍ଣନା ଚାତୁରୀରେ ଓ ରମଣୀୟତା ପ୍ରଦର୍ଶନରେ ଗ୍ରନ୍ଥଟି ପରିପୂର୍ଣ୍ଣ ହୋଇଛି। କବିତା ଯଦି ଆଲୋଚକର ଦୃଷ୍ଟିର ଦିଗ୍‌ବଳୟକୁ ନଆସିଲା କିମ୍ବା ସାମଗ୍ରିକ ଭାବରେ କବିତା ଯଦି କବିତା ରସିକଙ୍କର ମନୋକୃତ ନହେଲା ଅଥବା ଚର୍ଚ୍ଚକଙ୍କର ସୀମାବାଡ଼ ଦେଇ କବିତା ଯଦି ଆରପାଖକୁ ପଳାଇଲା ତେବେ କବିତା ଆଉ କବିତା ପଦବାଚ୍ୟ ହେବନାହିଁ। 'କେଉଁଠି ଖୋଜିବି ତାକୁ' ଗ୍ରନ୍ଥରେ ଥିବା ଶୈଳୀକୁ ତର୍ଜମା କଲେ ଜଣାଯାଇଛି ଯେ ଏ କବିତାମାନ ଦୁର୍ବୋଧ୍ୟତାର ପାଚେରୀ ଡେଇଁ ଆରପାଖକୁ ଯାଇନାହିଁ। ସୁବୋଧତା କବିତା ଗୁଡ଼ିକର ଏକ ଶୈଳୀ ବା ବୈଶିଷ୍ଟ୍ୟ। ସେହି ସୁବୋଧତା ହିଁ ଉତ୍ତମ ସଂଯୋଜନାର ମାଧ୍ୟମ ପାଲଟିଛି। ଉପମା, ରୂପକ ଓ ଚିତ୍ରକଳ୍ପର ପ୍ରୟୋଗ କବିତାଗୁଡ଼ିକୁ ରୁଚିରମ୍ୟ କରିଛି। କବିତା ଗୁଡ଼ିକରେ ମାଳୋପମା ଦୃଷ୍ଟିଗୋଚର ହୋଇନଥିଲେ ମଧ୍ୟ ଗୋଟିଏ କଥାକୁ ବାରମ୍ବାର ପ୍ରୟୋଗ କରାଯାଇଥିବାରୁ ମାଳୋପମାର ସାଦୃଶ୍ୟଲାଭ ହୋଇଛି। 'ଅବସର କାହିଁ' କବିତାରେ କବି କହିଛନ୍ତି, ମୁଁ କୁସୁମ ପରି ବାସ ବିତରିଛି, ପବନ ପରି ବୋହିଛି, ସୂର୍ଯ୍ୟ ପରି କିରଣ ବାଣ୍ଟିଛି, ନଈ ପରି କୁଳୁ କୁଳୁ ଝରିଯାଇଛି, ପକ୍ଷୀପରି କାକଳି ଶୁଣାଇଛି, ଚନ୍ଦ୍ରମା ପରି ଶୀତଳତା ମଧ୍ୟ ଦେଇଛି। କବି ପୁଣି କହିଛନ୍ତି, ମୁଁ ତାରାଙ୍କର ସୌନ୍ଦର୍ଯ୍ୟରେ ବିଭୋର ହୋଇଛି ଓ ଲହୁଣୀ ପରି ସୌକୁମାର୍ଯ୍ୟ ବାଣ୍ଟିଛି। ବର୍ଣ୍ଣନାର ଏହି ଧାରାବାହିକତା କବିତାଗୁଡ଼ିକୁ ଯେପରି ସ୍ୱାଦ୍ୟ କରିଛି ସେହିପରି ଭୋଜ୍ୟ ମଧ୍ୟ କରିପାରିଛି।

କବିତାର ଯେ କୌଣସି ସ୍ଥଳରେ ଆମେ ଦେଖିବାକୁ ପାଉ ଶବ୍ଦସଂଯୋଜନାର ସାରଲ୍ୟ। ଶବ୍ଦଗୁଡ଼ିକୁ ଯୁକ୍ତାକ୍ଷରହୀନ କରି ଏତେ ସୁନ୍ଦର ଭାବରେ ଅବସ୍ଥାପିତ କରାଯାଇଛି ଯେ ପାଠକ ପଢ଼ିଲାବେଳେ କେବେହେଲେ ବି ଝୁଣ୍ଟିପଡ଼େ ନାହିଁ। ସେଥିରେ ପୁଣି ପ୍ରାଚୀନ ସାହିତ୍ୟର ଅନୁପ୍ରାସ ପରି ଏଠାରେ ଅନୁପ୍ରାସର ପ୍ରୟୋଗ କରାଯାଇଛି। ଯେମିତି ପ୍ରେମ ସହିତ ଭ୍ରମ, ସୁଖ ସହିତ ଦୁଃଖ, ରୋଗ ସହିତ ଭୋଗ ଏବଂ ଲୋଭ ସହିତ କ୍ଷୋଭର ସଂଯୋଜନା କରି କବିତାଗୁଡ଼ିକୁ ଲଳିତ ଓ ସୁଖଭୋଗ୍ୟ କରାଇବାର ଚେଷ୍ଟା କରାଯାଇଛି। ଠିକ୍ ସେହିପରି ପାଠାଳୟ ନିକଟରେ ଶାଠାଳୟ, ସଂସଦ ନିକଟରେ ସାଂସଦ, କାର୍ଯ୍ୟାଳୟ ସ୍ଥାନରେ ଭାର୍ଯ୍ୟାଳୟ, କ୍ଲବ ନିକଟରେ ବିପ୍ଳବ ତଥା କର୍ମସଭା ସମୀପରେ ମର୍ମସଭା ଓ ଧର୍ମସଭା ଶବ୍ଦ ପ୍ରୟୋଗ କରି କବିତାକୁ ଚିତ୍ତାକର୍ଷକ କରିବାପାଇଁ ଚିନ୍ତା କରାଯାଇଛି। ସକାଳ କବିତାରେ ନାଇ ସୂର୍ଯ୍ୟ, ନାହିଁ ଚନ୍ଦ୍ର, ନାହିଁ ତାରା ନୀଳ ଆକାଶର, ନାହିଁ ପ୍ରେମ ନାହିଁ ପ୍ରୀତି, ନାହିଁ ରାଗ ନାହିଁ ଅଭିମାନ, ନାହିଁ ବର୍ଷା ନାହିଁ ଶୀତ, ନାହିଁ ମେଘ ଫୁଲର ଫଗୁଣ ଇତ୍ୟାଦି ନାହିଁ ନାହିଁ ଶବ୍ଦ ପ୍ରୟୋଗ କରି କବି କବିତାର ମାଧୁର୍ଯ୍ୟ ବୃଦ୍ଧି କରିଛନ୍ତି। ସେମିତି 'ତମେ ମୋ ବର୍ଷା' କବିତାରେ ଡେଇଁ ଦାଣ୍ଡ ବାଟଘାଟ, ଡେଇଁ ବାଟ ବଗିଚା ପ୍ରାନ୍ତର, ଡେଇଁ ଘର ଡେଇଁ ଦ୍ୱାର, ଡେଇଁ ଗ୍ରାମ ଡେଇଁ ଗ୍ରାମାନ୍ତର ଇତ୍ୟାଦିରେ ଡେଇଁ ଶବ୍ଦର ପ୍ରୟୋଗ କବିତାଗୁଡ଼ିକୁ ସୁଖପାଠ୍ୟ କରିପାରିଛି। ଅଧିକାଂଶ କବିତାରେ ଆମେ ଶବ୍ଦର ଏହିପରି ବାରମ୍ବାର ପ୍ରୟୋଗ ଦେଖିବାକୁ ପାଇଥାଉ। ବାରମ୍ବାର ପ୍ରୟୋଗ ହେଲେ ମଧ୍ୟ ଶବ୍ଦଗୁଡ଼ିକ ପାଠକକୁ ନିରାଶ କିମ୍ବା ବିରକ୍ତ କରେନାହିଁ, ବରଂ ଏହା ହୃଦୟ ମଧ୍ୟରେ ଏକ ମାଧୁର୍ଯ୍ୟ ସୃଷ୍ଟି କରିଥାଏ।

'କେଉଁଠି ଖୋଜିବି ତାକୁ' ଗ୍ରନ୍ଥରେ ବିଭିନ୍ନ କବିତାରେ ରୂପକ, ଉପମା ଓ ଚିତ୍ରକଳ୍ପ ଦେଖିବାକୁ ମିଳିଥାଏ। ଯେମିତି 'ବଣଭୋଜି' କବିତାରେ ମଣିଷର ଜୀବନ ସହିତ ବଣଭୋଜିକୁ ତୁଳନା କରାଯାଇଛି କିମ୍ବା 'ଖରା' କବିତାରେ ଦୁଃଖ କଷ୍ଟ ଓ ଯନ୍ତ୍ରଣା ଖରା ସହିତ ତୁଳିତ ହୋଇଛି କିମ୍ବା 'ସାପ' କବିତାରେ ସାପକୁ ହୃଦୟ ମଧ୍ୟରେ ଏକ ନିଦାରୁଣ ଅବସ୍ଥା ସହ ତୁଳନା କରାଯାଇଛି। 'ହାଟ' କବିତାରେ ସଂସାରକୁ ହାଟ ରୂପରେ, 'ମାଟିକାନ୍ଥ' କବିତାରେ ସଂପର୍କକୁ ମାଟିକାନ୍ଥ ଭାବରେ, 'ମାଛି' କବିତାରେ କାଳରୂପକ ଜାଲ ମଧ୍ୟରେ ଛନ୍ଦିହୋଇ ଯାଇଥିବା ଜୀବନ ରୂପରେ, 'ଭିକାରି' କବିତାରେ ସବୁବେଳେ ଆମେ ଅନ୍ୟଠାରୁ ଆଶା କରୁଥିବା ବ୍ୟକ୍ତିଟିଏ ଭାବରେ ଦେଖାଇ ଦିଆଯାଇଛି। 'ବୁଢ଼ୀ ଅସୁରୁଣୀ' କବିତାରେ ରାଜକେମାକୁ ଆୟତ୍ତ କରି ରଖିଥିବା ଏକ ଅସୁରୁଣୀର କଥା କୁହାଯାଇଛି। ଯେଉଁଠି ଆମ ସରଳ ତରଳ ଜୀବନଟି ଦୁଃଖ ଦୈନ୍ୟ ଓ ହାହାକାର ରୂପୀ ବୁଢ଼ୀ ଅସୁରୁଣୀ ପାଖରେ ବନ୍ଧା ପଡ଼ିଯାଇଛି। 'ମୁହଁ' ନାମକ କବିତାଟି ଚିତ୍ରକଳ୍ପର ଏକ ଅପୂର୍ବ ଉଦାହରଣ। ଆଇନା ଭିତରେ ଯେମିତି ମୁହଁ ଦେଖାଯାଏ ସେମିତି ଜୀବନର ଆଇନା ଭିତରେ ଆମେ କେତେ କେତେ ରୂପ ପରିଗ୍ରହ କରୁ ତାହା ହିଁ କବିତାର ବିଷୟବସ୍ତୁ।

ବୁଧୁନି କେର୍‌କେଟା ଜଣେ ଆଦିବାସୀ ମହିଳାର ପ୍ରତିନିଧି। ତାକୁ ପାଠ ଆସେନାହିଁ କିମ୍ବା ବହି ଖଣ୍ଡେ ପଢ଼ି ଆସେନାହିଁ। ତାକୁ ଅ, ଆ, କ, ଖ, ଲେଖି ଆସେନାହିଁ କିମ୍ବା ଦସ୍ତଖତ କରିଆସେନାହିଁ। ତାକୁ ଶାଢ଼ୀ ପିନ୍ଧି ଆସେନାହିଁ କିମ୍ବା ଜୋତା ପିନ୍ଧି ଆସେନାହିଁ। ବେଣୀ ବାନ୍ଧି ଆସେନାହିଁ ବୋଲି ପିଠିରେ କେଶକୁ ଲତାପରି ଓହଳାଇ ଦେଇଛି। ଏପରିକି ତାକୁ ବ୍ଲାଉଜ ମଧ୍ୟ ପିନ୍ଧି ଆସେନାହିଁ। ସେହି ବୁଧୁନି କେର୍‌କେଟାର ଚରିତ୍ରକୁ ଏକ କବିତାରେ ଜୀବନ୍ତ ଭାବରେ ରୂପାୟିତ କରାଯାଇଛି। 'କେମିତି କାଟୁଛ ଦିନ' କବିତାରେ ପତ୍ନୀର ଚରିତ୍ରକୁ ନିଖୁଣ ଭାବରେ ପ୍ରଦର୍ଶନ କରାଯାଇପାରିଛି। ବିଦେଶରେ ରହିଥିବା ପତିଟିଏ ପାଇଁ ପତ୍ନୀ ଘର ମଧ୍ୟରେ ଏକୁଟିଆ କେଉଁପରି ଚଳୁଥିବ ତାହାର ଏକ ସୁନ୍ଦର ଦୃଶ୍ୟ ଏହି କବିତାରେ ଦେଖିବାକୁ ମିଳେ। ପତ୍ନୀ କିପରି ନିଦ ଭାଙ୍ଗିଯିବା କ୍ଷଣି ବିଛଣା ଅଣ୍ଡାଳି ସ୍ୱାମୀକୁ ଖୋଜୁଥାଏ, ଚା' ତିଆରି କରିବା ବେଳେ ସସ୍‌ପେନ୍‌ରେ ବେଶୀ ପାଣି ଢାଳି ଦେଉଥାଏ କିମ୍ବା ବଗିଚା ବୁଲିବା ବେଳେ ଫୁଲକୁ ସ୍ପର୍ଶକରି ତାର ସ୍ୱାମୀକୁ ଛୁଇଁଲା ପରି ଭାବି ନେଉଥାଏ କିମ୍ବା ବଜାର ସଉଦା କଲାବେଳେ ଲୋକମାନଙ୍କର ଥଟ୍ଟା ସହିଯାଉଥାଏ। ପତ୍ନୀର ଏହିପରି ଚରିତ୍ରକୁ ଚମତ୍କାର ଭାବରେ ଚିତ୍ରଣ କରାଯାଇଛି। 'ଭିକାରି' କବିତାରେ ଭିକାରିର ଚରିତ୍ର କିମ୍ବା 'ଏସିଡ୍ ମାଡ଼ ଖାଇଥିବା ଝିଅ' କବିତାରେ ଏସିଡ୍ ମାଡ଼ ଖାଇଥିବା ଝିଅଟିର କଥାକୁ କବି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି।

କବିତା ଗ୍ରନ୍ଥରେ ଜୀବନ ବୋଲି ଗୋଟିଏ କବିତା ରହିଛି, ସେଥିରେ ସାଂପ୍ରତିକ ମଣିଷ କ'ଣ କରୁଛି ସେ ସଂପର୍କରେ ଏକ ସଂପୂର୍ଣ୍ଣ ଚିତ୍ର ଉପସ୍ଥାପନ କରାଯାଇଛି। କବି କହନ୍ତି ଯେ ଜୀବନଟା ଆଜି ଏକ ଖେଳରେ ପରିଣତ ହୋଇଯାଇଛି। ପଇସା ଲୋଭରେ ଲୋକମାନେ ପାଗଳ ହୋଇଗଲେଣି। ଅନ୍ୟକୁ ଠକିବାରେ ମହାନନ୍ଦ ଲାଭ କରୁଛନ୍ତି। ଅନ୍ୟକୁ ନିନ୍ଦା କରି ନିଜକୁ ପ୍ରଶଂସା କରିବାରେ ମଗ୍ନ ରହି ଲୋକମାନେ ପାଗଳପ୍ରାୟ ହୋଇ ଯାଉଛନ୍ତି। ମୁହଁକୁ ଏମିତି ଓଳିଆ ପରି ଓହଳାଇ ରଖୁଛନ୍ତି ଯେ ଯେମିତି ମନ ମଧ୍ୟରୁ କିଏ ପ୍ରେମ ପ୍ରୀତି ଓ ହସ ଖୁସିକୁ ଛଡ଼ାଇ ନେଇଯାଇଛି। ସାଂପ୍ରତିକ ଜୀବନ ଏହିପରି କେଉଁଠି ବାଘର ନଖ, କେଉଁଠାରେ ସିଂହର ହୁଙ୍କାର, କେଉଁଠାରେ କୁମ୍ଭୀର ଦାନ୍ତ ଏବଂ କେଉଁଠାରେ ସାଗରର ଫୁତ୍‌କାର। ଜୀବନର କୋମଳତାକୁ ଆଉ କେହି ଲକ୍ଷ୍ୟ କରିପାରୁନାହାନ୍ତି। ଆମ ଜୀବନଟା ଯେ ଫୁଲଠାରୁ ଆହୁରି କୋମଳ, ଲହୁଣୀ ଠାରୁ ଆହୁରି କୋମଳ, ଶିଶିର ଠାରୁ ଆହୁରି କୋମଳ ଓ ତୁଳାଠାରୁ ଆହୁରି କୋମଳ ଏକଥା କାହାରି ମନରେ ଉଦୟ ହେଉନାହିଁ। ଏହିଭଳି ଜୀବନ ସଂପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ବହୁ ଗହନ କଥା ଏବଂ ବହୁ ଗୋପନୀୟ କଥା କବିତା ଗୁଡ଼ିକର ଛତ୍ରେ ଛତ୍ରେ ଆମେ ଦେଖିବାକୁ ପାଇଥାଉ। 'ବଣଭୋଜି' କବିତାରେ ସେହି ଜୀବନ କିପରି ଜଳି ଜଳି ଦଗ୍ଧ ହୋଇଯାଇଛି, 'ସବୁତ ହଜାଇ ଦେଲି' କବିତାରେ କିପରି ଜୀବନର ସବୁକିଛି ନୂତନତା ବିନଷ୍ଟ ହୋଇଯାଇଛି କବି ତାହା ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି। ଜୀବନର ଗୋଟିଏ ପଟରେ ପେଟ ଡାକୁଛି ତ ଆରପଟରେ ମାଲିକର କୁହାଟ ଶୁଭୁଛି, ଗୋଟିଏ ପଟରେ ଭୂଇଁ ଫାଟିଲାଣି ତ ଆରପଟରେ ହାଟ ବସିଅଛି। ଗୋଟିଏ ପଟରେ ଦେହ ଥରୁଛି ତ ଆର ପଟରେ ହସି ଉଠୁଛି ଓଠ। ଗୋଟିଏ ପଟରେ ତତଲା ଲହୁ ତ ଆରପଟରେ ବସନ୍ତର ଉଜାଟ ଶୁଭୁଛି। ସେହି ହିଁ ଜୀବନ। କବି କହୁଛନ୍ତି, ଯେତେବେଳେ ସେ ଜୀବନ ଶୋଇପଡୁଛି ସେତେବେଳେ ତାର ନିଦ ଭାଙ୍ଗିଦିଅ କିମ୍ବା ତାକୁ କେବେ ଅଟକାଅ ନାହିଁ କିମ୍ବା ଜୀବନକୁ କବିତା ରଚନାରେ ମଗ୍ନ କରାଅ କିମ୍ବା ତାକୁ ସଠିକ୍ ବାଟ ବତେଇ ଦିଅ। ଜୀବନର ଏହି ରୁଚିକଥା କେଉଁଠି ଖୋଜିବି ତାକୁ ଗ୍ରନ୍ଥର ଛତ୍ରେ ଛତ୍ରେ ଆମେ ଦେଖିବାକୁ ପାଇଥାଉ।

କବି ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କର କେଉଁଠି ଖୋଜିବି ତାକୁ କବିତା ଗ୍ରନ୍ଥଟି ଯେତିକି ସୁଖପାଠ୍ୟ ସେତିକି ମନୋମୁଗ୍ଧକର। ମାଳି ଯେପରି ଫୁଲ ଗୁଡ଼ିକୁ ଗୁନ୍ଥି ମାଳଟି କରି ଦେବତାଙ୍କ ନିକଟରେ ଅର୍ପଣ କରିଥାଏ କବି ସେହିପରି ବିଭିନ୍ନ କବିତାର ଫୁଲରେ ମାଳାଗୁନ୍ଥି ଗ୍ରନ୍ଥଟିକୁ ଓଡ଼ିଆବାଣୀ ଭଣ୍ଡାରକୁ ସମର୍ପଣ କରିଛନ୍ତି। ମଣିଷ ଜୀବନର ଦୁଃଖ ଶୋକ ଆନନ୍ଦ ଓ ଉଲ୍ଲାସ, ସାଂସାରିକ ଜୀବନର ହଟଚମଟ, ବ୍ୟାଧିଗ୍ରସ୍ତ ସମାଜର ଅନ୍ତର କଥା, ଅସହାୟ ମଣିଷର ସ୍ୱପ୍ନଭଙ୍ଗ ଆଦି ତାଙ୍କ କବିତାଗୁଡ଼ିକୁ କବଳିତ କରିଛି। ଶବ୍ଦର ସୁସଂଯୋଜନା, ତାର ଲଳିତପଣ ଓ ଜୀବନର ଅପୂର୍ବ ପରିପ୍ରକାଶ ପାଠକମାନଙ୍କୁ ଆପ୍ୟାୟିତ କରିବାକୁ ସକ୍ଷମ ହୋଇଛି। ଓଡ଼ିଆ ସାହିତ୍ୟର କାବ୍ୟ ଯାତ୍ରାରେ ଏହି ଗ୍ରନ୍ଥଟି ଏକ ବୈଦଗ୍ଧ୍ୟପୂର୍ଣ୍ଣ ବାଟୋଇର ଭୂମିକା ନିର୍ବାହ କରିବ।

ପ୍ରତିମା ବିଶ୍ୱକର୍ମା
ଫକୀରମୋହନ ମହାବିଦ୍ୟାଳୟ, ବାଲେଶ୍ୱର

ଜନ୍ମ ହୋଇଥିଲି ୧୯୫୬ ମସିହା ଅକ୍ଟୋବର ୨୦ତାରିଖରେ ବାଲେଶ୍ୱର ଜିଲ୍ଲାର ବିଷ୍ଣୁପୁର ନାମକ ଗ୍ରାମରେ। କୈଶୋରରେ ସାହିତ୍ୟପ୍ରତି ଆକର୍ଷଣ ଜାଗିଥିଲା। ହାଇସ୍କୁଲରେ ଅଧ୍ୟୟନ କରୁଥିବା ବେଳେ କାବ୍ୟ, କବିତା ଓ ରମ୍ୟକବିତା ରଚନା କରିବାରେ ମନ ବଳାଇଥିଲି। କଲେଜରେ ପଢ଼ିବାବେଳେ ସମଧର୍ମା ଅନେକ ସାହିତ୍ୟିକଙ୍କୁ ସଖାଭାବରେ ପ୍ରାପ୍ତ ହୋଇଥିଲି। ସେହି ସମୟରେ ଡଗରରେ ମୋର ପ୍ୟାରୋଡ଼ି ପ୍ରକାଶିତ ହୋଇଥିଲା ଓ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା 'ଆସନ୍ତାକାଲି'ରେ କବିତାଟିଏ ପ୍ରକାଶିତ ହୋଇ ମୋତେ ଧନ୍ୟ କରିଥିଲା। ସ୍ନାତକୋତ୍ତର ଅଧ୍ୟୟନ କାଳରେ ଗଳ୍ପ ଓ ପ୍ରବନ୍ଧ ରଚନାରେ ମନୋନିବେଶ କରିଥିଲି। ଲୋକସାହିତ୍ୟ ପ୍ରତି ମୋର ଆକର୍ଷଣ ଥିବା ଯୋଗୁଁ ମୋର ଗବେଷଣା କାର୍ଯ୍ୟ କୈବର୍ତ୍ତ ଓ ଆଦିବାସୀଙ୍କ ଉପରେ ପର୍ଯ୍ୟବସିତ ଥିଲା। ଅର୍ଥାତ୍ କୈବର୍ତ୍ତମାନଙ୍କ ଉପରେ ମୁଁ ପିଏଚ୍.ଡି ଓ ଆଦିବାସୀମାନଙ୍କ ଉପରେ ଡି.ଲିଟ୍. ଉପାଧି ଲାଭ କରିଥିଲି। ତିନିଖଣ୍ଡ ପ୍ୟାରୋଡ଼ି ଗ୍ରନ୍ଥକୁ ବାଦ ଦେଲେ ନବେଦଶକରେ ମୋର ପ୍ରଥମ କବିତାଗ୍ରନ୍ଥ ପ୍ରକାଶିତ ହୋଇଥିଲା 'ମିତାପାଇଁ କବିତା' ନାମରେ। 'ଆଖି' ମୋର ଦ୍ୱିତୀୟ କବିତାଗ୍ରନ୍ଥ ଓ ଏବେ 'କେଉଁଠି ଖୋଜିବି ତାକୁ' ନାମରେ କବିତା ସଂକଳନଟିଏ ପ୍ରକାଶ ପାଇଛି। ମୋର କବିତାକୁ ଦୁର୍ବୋଧତା ସ୍ପର୍ଶକରି ନାହିଁ, ପୁଣି ଛନ୍ଦୋବଦ୍ଧତା ଉପରେ ମୁଁ ସବୁବେଳେ ଗୁରୁତ୍ୱ ଦେଇଆସିଛି। ପ୍ରବନ୍ଧପରି କବିତାକୁ ମୁଁ ବର୍ଣ୍ଣନା ମଧ୍ୟରେ ସୀମାବଦ୍ଧ ନରଖି ସବୁବେଳେ ନୂତନ କିଛି କହିବାର ଚେଷ୍ଟା କରିଛି। ମୋ କବିତାରେ ରହିଛି ଜିଜ୍ଞାସାବୋଧ ଓ ଚିରନ୍ତନ ଏକ ସତ୍ୟକୁ ଉଦ୍‌ଘୋଷଣା କରିବାର କାରୁକାର୍ଯ୍ୟ।

– ଲକ୍ଷ୍ମୀକାନ୍ତ ତ୍ରିପାଠୀ

## କବିତା ବହିରୁ

### ଲକ୍ଷ୍ମୀକାନ୍ତ ତ୍ରିପାଠୀ

### କେଉଁଠି ଖୋଜିବି ତାକୁ

କେଉଁଠି ଖୋଜିବି ତାକୁ
ଆକାଷର ପାତାଳରେ ଘଞ୍ଚ ଅରଣ୍ୟରେ
ବାଲିରେ କି ମାଟିରେ କି ପାହାଡ ସନ୍ଧିରେ
ଛୁଞ୍ଚିର ପଶାରେ ଅବା ଦେଖିବି ନିଠେଇ
ଣେଯ ଲେଉଟାଇ କିବା କବରୀ
ଫିଟେଇ ।

ସମସ୍ତେ କହୁଅଛନ୍ତି
ଆସିଥିଲା ଏଇଠି ତ ଥିଲା
ଆଖିପତା ପଡିଲାକୁ
କେଉଁଠିକୁ ଅନ୍ତର୍ଦ୍ଧାନ ହେଲା
କାହାକଥା ଶୁଣିବି ମୁଁ ?
କାହାକଥା କରିବି ବିଶ୍ୱାସ ?

ଆଖି ନଦେଖିଲା ଯାଏ
କେମିତିକା ମାନିନେବି
ପର କଥାମାନ
ସେ ଯେ ଆସିଥିଲା ବୋଲି
ଆଖି ମୋର ଦେଖିନାହିଁ ଶୁଣିନାହିଁ କାନ ।

ମୁଁ ତାକୁ ଅପେକ୍ଷା ପରା କରିଅଛି
ବହୁକାଳ ଧରି
ଯେତେବେଳେ କେବଳ ପାଣିରେ ପୂର୍ଣ୍ଣ
ରହିଥିଲା ଏହି ବସୁନ୍ଧରୀ
ତାପରେ ଜନ୍ମିଲା ମୀନପଶୁପକ୍ଷୀ ମର୍କଟ ମଣିଷ
ମୁଁ ସେମିତି ଅପେକ୍ଷାରେ
ବିତାଇଛି ଦିନ ମାସ ବର୍ଷ
ସେ ଦିନେ ଆସିବ ବୋଲି
କହୁଅଛି ଏଇ ମୋ ହୃଦୟ
ସେଥିଲାଗି କେତେବେଳେ ଭାବୁଅଛି
ତମକଥା ସତ ହୋଇଥିବ ।
ଏ ଯେଉଁ ଘରଟି ମୁହିଁ ବନାଇଛି
ସେ ଆସିଲେ ପୂର୍ଣ୍ଣ ହୋଇଯିବ
ଏ ଯେଉଁ ଗଛଟି ମୁହିଁ ଲଗାଇଛି
ସେ ଆସିଲେ ପତର ମେଲିବ
ଏ ଯେଉଁ ଡଙ୍ଗାଟି ମୁହିଁ ଭସାଇଛି
ସେ ଆସିଲେ ଲାଗିଯିବ କୂଳ
ଏ ଯେଉଁ ମନ୍ଦିର ମୁହିଁ ତିଆରିଛି
ସେ ଆସିଲେ ମରିଯିବ ଚୂଳ।

କେମିତି ଆସିବ ଆସୁ
ପବନର ହିଲ୍ଲୋଳରେ ପକ୍ଷୀ କାକଳିରେ
ଆସୁ ମଧୁମକ୍ଷିକାର ଗୁଣୁଗୁଣୁ ସ୍ୱରେ
ପତ୍ରର କୋମଳତାରେ
କାଶତଣ୍ଡୀ ଫୁଲ ଶୁଭ୍ରତାରେ
ଆସୁ ସେ ହୟାରଡ଼ିରେ
ସମୁଦ୍ରର ନୀଳ ତରଙ୍ଗରେ।

ଏତେଦିନ ଅପେକ୍ଷା କଲିଣି ତାକୁ
ଆହୁରି ବି ଅପେକ୍ଷା କରିବି
ଗ୍ରୀଷ୍ମର ରୌଦ୍ରରେ ଅବା
ବର୍ଷାବିନ୍ଦୁ କାକର ଟୋପାରେ
ଅନୁଦିନ ତାକୁ ମୁହିଁ ଖୋଜି ଚାଲିଥିବି
ଲିତା ବା ବିଲିତା ଯାଇ
ଦଣ୍ଡ ଘଡ଼ି ଦିନ ମାସ ଯିବ
ବର୍ଷ ପରେ ବର୍ଷ ଯାଇ
ଯୁଗ ଯିବ ଯୁଗାନ୍ତର ଯିବ
ଯେତେଦିନ ଯାଏଁ ମୋତେ
ନକହିଛି ହେଇ ମୁଁ ଆସିଲି
ସେତେଦିନ ଯାଏଁ ତାକୁ ଚାହିଁକରି
ବସି ରହିଥିବି
ସେ ଯେ ଆସିଥିଲା ବୋଲି
କେମିତି ମୁଁ ବିଶ୍ୱାସ କରିବି ?

### ମଣିଷପଣିଆଁ

ଏଠି ପ୍ରେମ ଅଛି ଏଠି ଭ୍ରମ ଅଛି
ଏଠି ସୁଖ ଅଛି ଏଠି ଦୁଃଖ ଅଛି
ଏଠି ରୋଗ ଅଛି ଏଠି ଭୋଗ ଅଛି
ଏଠି ଲୋଭ ଅଛି ଏଠି କ୍ଷୋଭ ଅଛି
ଏଠି ସିଡି ଅଛି ଚଢିବାକୁ
ମଣିଷ ହେଉଛି ହାଇଁପାଇଁ
ଖାଲି ମଣିଷ ପଣିଆଁ
ନାହିଁରେ ନାହିଁ ନାହିଁରେ ନାହିଁ ।

ମୁଁ ତାକୁ ଖୋଜିଲି କେତେ ଆକୁଳ ଚିତ୍ତରେ
ହାଣ୍ଡିଶାଳେ ଢେଙ୍କାନାଳେ ବାହାରେ ଭିତରେ
ପାଠାଳୟେ ଶାଠାଳୟେ ସଂସଦେ ସାଂସଦେ
ସାହିତ୍ୟ ସଂସ୍କୃତି ଚିତ୍ର ନାଟ୍ୟ ପରିଷଦେ
କାର୍ଯ୍ୟାଳୟେ ଭାର୍ଯ୍ୟାଳୟେକ୍ଲବ ବିପ୍ଳବରେ
କର୍ମସଭା ମର୍ମସଭା ଧର୍ମସଭା ଘରେ
କଣରେ ଖୋଜିଲି ତାକୁ ଗଣରେ ଖୋଜିଲି
ସମ୍ବାଦପତ୍ରରେ ଖେଶଜି ଟିଭିରେ ଖୋଜିଲି
ସବୁଠି ଯାଉଛି ଆତ୍ମବଡିମାର ଲୁହବୋହି
ଖାଲି ମଣିଷପଣିଆଁ
ନାହ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୯ ଅକ୍ଟୋବର ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ରବିବାର ଚୟନ
ସାପ୍ତାହିକ କ୍ରୋଡ଼ପତ୍ର

ଚେତନାର ଦର୍ପଣ - ୪

# ॥ ଶାନ୍ତି ॥

♥ ଲଳିତ ମୋହନ ମିଶ୍ର

ଜଣେ ରାଜା ଥିଲେ । ସେ ଚିତ୍ରକଳାକୁ ବହୁତ ଭଲ ପାଉଥିଲେ । ଥରେ ସେ ଘୋଷଣା କଲେ, ଯିଏ ଶାନ୍ତିକୁ ଏକ ଚିତ୍ରରେ ପରିଣତ କରିପାରିବ । ତାକୁ ଭରପୂର ପୁରସ୍କାର ପ୍ରଦାନ କରାଯିବ । ରାଜାଙ୍କ ଘୋଷଣା ପରେ, ବିଭିନ୍ନ ସ୍ଥାନରୁ ଶତାଧିକ ଚିତ୍ରଶିଳ୍ପୀ ପୁରସ୍କାର ଲୋଭରେ ନିଜ ଚିତ୍ରକଳା ଧରି ଆସିଥିଲେ । ରାଜା ଗୋଟିଏ ପରେ ଗୋଟିଏ ଚିତ୍ର ଦେଖିଥିଲେ । ସେଥିମଧ୍ୟରୁ ତାଙ୍କୁ ଦୁଇଟି ଚିତ୍ର ଭଲ ଲାଗିଥିଲା । ରାଜା ଦୁଇ ଜଣଙ୍କୁ ପୁରସ୍କାର ପାଇଁ ଚୟନ କଲେ । ପ୍ରଥମ ଚିତ୍ରଟି ଏକ ସୁନ୍ଦର ଶାନ୍ତ ହ୍ରଦ ଥିଲା । ସେହି ହ୍ରଦର ପାଣି ଏତେ ସ୍ୱଚ୍ଛ ଯେ, ତାହା ଭିତରେ ଥିବା ପୋକ ଯୋକ ସବୁ ଦୃଶ୍ୟମାନ ହେଉଥିଲେ ଏବଂ ତାରି ଚାରିପାଖରେ ଥିବା ହିମଖଣ୍ଡର ଚିତ୍ର ଏମିତି ଜଣା ପଡୁଥିଲା, ଯେମିତି ଏକ ଦର୍ପଣ ରଖାଯାଇଛି । ଉପରେ ନୀଳ ଆକାଶ, ଯେଉଁଥିରେ ତୁଳାର ବଲ୍ ଭଳି ଧଳା ମେଘଗୁଡିକ ଭାସୁଥିଲା । ଯିଏ ଏହି ଚିତ୍ରକୁ ଦେଖିବ ସେ ଅନୁଭବ କରିବ ଶାନ୍ତି ଚିତ୍ରଣ ପାଇଁ ଏହାଠାରୁ ଆଉ ଭଲ ଚିତ୍ରକଳା ନାହିଁ। ଦ୍ୱିତୀୟ ଚିତ୍ରରେ ଏକ ପର୍ବତ ଥିଲା, କିନ୍ତୁ ସେଇଟି ଅତ୍ୟନ୍ତ ଶୁଖିଲା, ପ୍ରାଣହୀନ ଏବଂ ନିର୍ଜନ । ଏହି ପର୍ବତ ଉପରେ ଘନ ମେଘ ଥିଲା, ଯେଉଁଥିରେ ବଜ୍ରପାତ ହେଉଥିଲା ଏବଂ ସେଥିରେ ପ୍ରବଳ ବର୍ଷା ଯୋଗୁଁ ନଦୀ ପ୍ରବାହିତ ହେଉଥିଲା । ପବନରେ ଗଛଟି ହଲୁଥିଲା । ପାହାଡ଼ର ଗୋଟିଏ ପାର୍ଶ୍ୱରେ ଥିବା ଜଳପ୍ରପାତ ଅଶାନ୍ତ ରୂପ ନେଇଥିଲା । ଯିଏ ଏହି ଚିତ୍ରକୁ ଦେଖିବ ସେ ଭାବିବ ଯେ ଏହାର 'ଶାନ୍ତି' ସହିତ କ'ଣ ସମ୍ପର୍କ ? ଏଥିରେ କେବଳ ଅଶାନ୍ତି ରହିଛି। ପ୍ରଥମ ଚିତ୍ରରେ ତିଆରି କରିଥିବା ଚିତ୍ରକାରଙ୍କୁ ପୁରସ୍କାର ମିଳିବ ବୋଲି ସମସ୍ତେ ନିଶ୍ଚିତ ଥିଲେ। ତା'ପରେ ରାଜା ତାଙ୍କ ସିଂହାସନରୁ ଉଠି ଦ୍ୱିତୀୟ ଚିତ୍ର ନିର୍ମାଣ କରିଥିବା ଚିତ୍ରକରଙ୍କୁ ପୁରସ୍କୃତ କରିବେ ବୋଲି ଘୋଷଣା କଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରଥମ ଚିତ୍ରଶିଳ୍ପୀ କହିଲେ, ସାର୍ ! ସେହି ଚିତ୍ରକଳାରେ ଏମିତି କ'ଣ ଅଛି, ଯାହାକୁ ଆପଣ ପୁରସ୍କୃତ କରିବାକୁ ସ୍ଥିର କଲେ । ଯେତେବେଳେ ସମସ୍ତେ କହୁଛନ୍ତି - ଶାନ୍ତି ପାଇଁ ମୋ ଚିତ୍ରଟି ସବୁଠାରୁ ଭଲ ? ରାଜା ପ୍ରଥମ ଚିତ୍ରଶିଳ୍ପୀଙ୍କୁ କହିଲେ, ମୋ ସହିତ ଚାଲ । ଦ୍ୱିତୀୟ ଚିତ୍ରରେ ପହଞ୍ଚି ରାଜା କହିଲେ, ଝରଣାର ବାମ ପାର୍ଶ୍ୱରେ ଥିବା ସେହି ଗଛକୁ ଦେଖ ! ଗଛର ଡାଳଟି ପବନରେ ଦୋହଲୁଅଛି। ତାହାର ଶାଖାରେ ଏକ ବସା । ପକ୍ଷୀଟି ନିଜ ଛୋଟ ଛୋଟ ଛୁଆଙ୍କୁ କୋମଳତା ପୂର୍ଣ୍ଣ , ଶାନ୍ତ ସରଳ ଏବଂ ଭଲ ପାଇବାରେ ଖୁଆଇ ଦେଉଛି । ରାଜା ସେଠାରେ ଉପସ୍ଥିତ ଥିବା ଦର୍ଶକଙ୍କୁ ବୁଝାଇଦେଲେ । ଶାନ୍ତ ରହିବାର ଅର୍ଥ ନୁହେଁ ଯେଉଁଠାରେ କୌଣସି ଶୋର ଶବ୍ଦ ନାହିଁ ... କି କିଛି ବାଧାବିଘ୍ନ ସମସ୍ୟା ଅଶାନ୍ତି ନାହିଁ । ଶାନ୍ତ ରହିବାର ଅର୍ଥ, ଆପଣ ସମସ୍ତ ପ୍ରକାର ଅବ୍ୟବସ୍ଥା, ବିଶୃଙ୍ଖଳା, ଅଶାନ୍ତି ସତ୍ତ୍ୱେ ନିଜ କାର୍ଯ୍ୟ ଉପରେ ଧ୍ୟାନ ଓ ଲକ୍ଷ୍ୟପଥରେ ଅଗ୍ରଗତି କରନ୍ତି ତାହା ହିଁ ହେଉଛି ଶାନ୍ତି ।

ମୋ: ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥



# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

## ଆମର ନଈକୂଳିଆ ଗାଆଁ

## ( ୫)

## ମାଆ ମୋତେ ବଞ୍ଚାଇଲେ..

ସେତେବେଳେ ମୁଁ ଜଳେଶ୍ୱର ହାଇସ୍କୁଲରେ ପଢୁଥିଲି। ତେଣୁ ପ୍ରତିଦିନ ନଦୀ ପାରିହୋଇ ଜଳେଶ୍ୱର ଯିବା ଆସିବା କରୁଥାଏଁ।ଖରାଦିନେ 'ଥଳ'ରେ ପଣି ଚାଲିଚାଲି ନଦୀ ପାରିହେବାକୁ ପଡେ । ମୁଁ ଗ୍ରୀଷ୍ମଛୁଟିରେ ଘରେ ଥାଏଁ । ସେଦିନ ସୋମବାର ହାଟପାଳି । ମେଘୁଆପାଗ । ରାତିରେ ଭଲ ବର୍ଷା ହୋଇଥାଏ । ସକାଳା ବର୍ଷା ହେଉ ନଥିଲେବି ଆକାଶରେ ମେଘ ଘୋଟି ରହିଥାଏ ।

ବାପାଙ୍କ ଦେହ ଖରାପ ଥିବାରୁ ସେ ମୋତେ ହାଟକୁ ଯାଇ ପନିପରିବା ଓ ସଉଦା ଆଣିବାକୁ କହିଲେ । ମୁଁ ବାହାରିଲି । ବାପା ପଚାରିଲେ , 'ଜିନିଷର ଦରକଷି ଆଣିପାରିବୁ ?' ମୁଁ 'ହଁ' କହିଲି । ତଥାପି ବାପାଙ୍କର ବୋଧହୁଏ ବିଶ୍ୱାସ ହେଲାନି। ତେଣୁ ପଡିଶାଘରର ପୂର୍ଣ୍ଣଭାଇଙ୍କୁ ଡକେଇ ଆଣି ସବୁକଥା କହି ପରିବା ଓ ସଉଦା କିଣିବାବେଳେ ଭଲଜିନିଷ ବାଛି ଦରଦାମ୍ ଠିକ୍ କରିଦେବାକୁ କହିଲେ ।

ମୋ ମନ ଖରାପ ହୋଇଗଲା । ମୁଁ କଣ ନିଜେ କିଣିପାରି ନଥାନ୍ତି ? ବାପା କାହିଁକି ପୂର୍ଣ୍ଣଭାଇଙ୍କୁ କହିଲେ ଯେ, 'ଛୁଆଲୋକ, କାଳେ ଦାମ କରିବାବେଳେ ଓ ପରିବା, ଜୀରାସୁମୁରା ବାଛିବାବେଳେ ଠକିଯିବ, ଦେଖିବୁ । ମୋ ମନରେ ଅଭିମାନ ଆସିଲା । କିନ୍ତୁ ପ୍ରତିକାରର ଉପାୟ ବି କିଛି ନଥିଲା । ତେଣୁ ବାଧ୍ୟହୋଇ ପଖାଳଖାଇ ପୂର୍ଣ୍ଣଭାଇ ସାଥିରେ ହାଟକୁ ଗଲି । ଫେରିଲେ ଘରେ ଭାତ ଖାଇବି ।

**ହଠାତ୍ ବାରମ୍ବାର ଖୁବ୍‌ଜୋରରେ ଘଡଘଡି ସହିତ ବିଜୁଳି ମାରିଲା । ଚାରିଆଡେ ଉଜ୍ଜଳ ହୋଇଗଲା । ମୋତେ କିଛି ଦେଖାଗଲାନି । ଚମକି ପଡିଲି ।ପରେ ପୂର୍ଣ୍ଣଭାଇ ଆମ ଘରେ ବାପାମାଆଙ୍କୁ କହିଲେ ଯେ ମୁଁ କୁଆଡେ 'ମାଆ' ବୋଲି ଚିତ୍କାର କରି ଗୋଟିଏ ପାଖକୁ ଢଳି ପଡୁଥିଲି । ମାତ୍ର ସେ ସଙ୍ଗେସଙ୍ଗେ ମୋତେ ତାଙ୍କ ଦୁଇହାତରେ ଧରିନେଲେ ।**

ପୀରଘାଟ ପାଖରେ ପହଞ୍ଚିଲୁଁ । ଶୁଖିଲା ବାଲିରେ ଗୁଡାଏ ବାଟ ନଦୀ ଭିତରେ ଚାଲିଲୁ । ପାଣି ପାଖରେ ଗାମୁଛା ପନ୍ଧି ହାପ୍ ପେଣ୍ଟ ହାପ୍ ସାର୍ଟକୁ ବେଗରେ ରଖିଲି । ନଦୀଙ୍କୁ ପ୍ରଣାମ କଲି । ପାଣିରେ ଚାଲିଚାଲି ଆର ପାଖରେ ପହଞ୍ଚିଲି।

ବାସ୍ତବରେ, ହାଟରେ ଜିନିଷ କିଣିବାବେଳେ ମୁଁ ଅସୁବିଧାରେ ପଡିଲି । କେତେକ ବେପାରୀ ଗୋଟିଏ ରକମର ଜିନିଷ ଦେଖାଇ, ଦେଲାବେଳେ ତା'ଠାରୁ ନିମ୍ନମାନର ଜିନିଷ ଦେଇ ଦେଉଥିଲେ । ଏଆଡେ ଜିନିଷର ମାନକୁ ଜଗିଲା ବେଳକୁ ସେଆଡେ ଓଜନ କମ୍ କରି ଦେଉଥିଲେ । ପୂର୍ଣ୍ଣଭାଇ ନଥିଲେ ମୁଁ ଠକିଯାଇଥାନ୍ତି। ସେତେବେଳେ ଖଡଗପୁରିଆଙ୍କ ପାଖରୁ ମସଲା କିଣିବା ବହୁତ କଷ୍ଟକର । ସ୍ଥାନୀୟ ବେପାରୀଙ୍କ ଅପେକ୍ଷା ସେମାନେ ଦର ସିନା କମ୍ ନେଉଥିଲେ, କିନ୍ତୁ ଓଜନ ଓ ଜିନିଷର ଗୁଣବତ୍ତାରେ ଗରାଖକୁ ଠକୁ ଥିଲେ। ( ଏବେ ଆଉ ସେଭଳି ବେପାରୀ ନାହାନ୍ତି । ପିଲାଠୁ ବଡଯାଏଁ ସବୁ ଗରାଖ ବି ଅଧିକ ଚାଲାକ ହେଲେଣି । ) ବିଶେଷତଃ, ମୋ ଭଳି କମ୍ ବୟସର ପିଲାଙ୍କର ଠକିଯିବାର ସମ୍ଭାବନା ସବୁବେଳେ ରହିଥାଏ । ବାପାଙ୍କର ଦୂରଦୃଷ୍ଟିକୁ ପ୍ରଶଂସା କଲି ମନେମନେ । ଯାହେଉ, ହାଟକରିବା ସରିଗଲା । ଏଥର ଘରକୁ ଫେରିଯିବାକୁ ହେବ ।

ଅଚାନକ ଆକାଶରେ ମେଘ ଘୋଟି ଆସିଲା । କେତେବୁନ୍ଦା ପାଣିବି ପଡିଲା । ଘନଘନ ମେଘର ଗର୍ଜନ ଶୁଣାଗଲା । ଡେରି ନକରି ଶୀଘ୍ରଶୀଘ୍ର ପାଦପକାଇ, ଦୁହେଁ କଥା କହିକହି ହାଟରୁ ବାହାରିଲୁଁ । ପୀରଘାଟ ପାଖରେ ପହଞ୍ଚିଲୁ । ମୁଁ ପେଣ୍ଟ ପାଲଟି ଗାମୁଛା ପିନ୍ଧି ନଦୀମାଆଙ୍କୁ ପ୍ରଣାମ କରି ପାଣିରେ ପଶିଲି । ମୋତେ କେଉଁଠି ଆଣ୍ଠୁଏ, କେଉଁଠି ଅଣ୍ଟାଯାଏ ପାଣିହେଲା ।

ହଠାତ୍ ବାରମ୍ବାର ଖୁବ୍ ଜୋରରେ ଘଡଘଡି ସହିତ ବିଜୁଳି ମାରିଲା । ଚାରିଆଡେ ଉଜ୍ଜଳ ହୋଇଗଲା । ମୋତେ କିଛି ଦେଖାଗଲାନି । ଚମକି ପଡିଲି ।ପରେ ପୂର୍ଣ୍ଣଭାଇ ଆମ ଘରେ ବାପାମାଆଙ୍କୁ କହିଲେ ଯେ ମୁଁ କୁଆଡେ 'ମାଆ' ବୋଲି ଚିତ୍କାର କରି ଗୋଟିଏ ପାଖକୁ ଢଳି ପଡୁଥିଲି । ମାତ୍ର ସେ ସଙ୍ଗେସଙ୍ଗେ ମୋତେ ତାଙ୍କ ଦୁଇହାତରେ ଧରିନେଲେ । ଆଖପାଖରେ ଯାଉଥିବା ଲୋକମାନେ ବି ମୋ ପାଖକୁ ଝପଟି ଆସି ମୋ ଦେହହାତ ଆଉଁସି ଦେଲେ ।

ଅଳ୍ପ ସମୟ ଭିତରେ ମୁଁ ବାସ୍ତବ ଜଗତକୁ ଫେରି ଆସିଲି । ପୂର୍ଣ୍ଣଭାଇ କହିଲେ, 'ଡରିଗଲୁକି ?'

ମୁଁ କହିଲି, ' ନା'

'ଚାଲିକି ଯାଇପାରିବୁତ ?'

ମୁଁ ହଁ କହିଲି ।

'ହେଉ ଚାଲ, ତୋ ପରିବା ବେଗ୍ ମୁଁ ଧରେଁ ଦେ ।' ମୋ ଦୁଇପାଖରେ ଲୋକମାନେ ଚାଲିଲେ, ମୁଁ ମଝିରେ ଚାଲିଲି ।

ଘରେ ଏକଥାଶୁଣି ମାଆ ମୋତେ କୁଣ୍ଢାଇ ଧରି ଭୋଭୋ କରି କାନ୍ଦିଲେ । ବାପାଙ୍କ ଆଖିରୁ ବି ଲୁହ ବୋହି ଆସୁଥାଏ । ପୂର୍ଣ୍ଣଭାଇ ନଥିଲେ ମୋ ଅବସ୍ଥା କଣ ହୋଇଥାନ୍ତା, କିଏ ଜାଣେ ? ସେମାନେ ତାଙ୍କୁ କୃତଜ୍ଞତା ଜଣାଇଲେ ।

ମୁଁ ଭାବିଲି ଯେ ମୋ 'ମାଆ' ଡାକ ବୋଧହୁଏ ମୋ ମାଆ ସୁବର୍ଣ୍ଣରେଖା ଶୁଣିପାରିଲେ । ସେ ହିଁ ପୂର୍ଣ୍ଣଭାଇଙ୍କୁ ପ୍ରେରଣା ଦେଲେ ମୋତେ ଧରି ପକାଇବା ପାଇଁ । ତେଣୁ ସେ ମୋତେ ଧରିଲେ ।ମୁଁ ମହାବିପଦରୁ ରକ୍ଷା ପାଇଗଲି ।(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ଅନୁଭବୀ ସ୍ୱର

# ସାମାଜିକ ଏକତା

ଦେବୀପ୍ରସନ୍ନ ପଟ୍ଟନାୟକ



ଆମେ ଗାନ୍ଧି ଯୁଗର ପିଲା। ମୋ' ବାପା ଗାନ୍ଧିଙ୍କ ଡାକରେ ରେଭେନ୍‌ସା ଛାଡ଼ିଥିଲେ। ତାଙ୍କରି ଡାକରେ ଶେଷକୁ କଂଗ୍ରେସ ମଧ୍ୟ ଛାଡ଼ିଲେ। ଦିହକଯାକ ହାତକଟା ସୂତାରେ ହାତବୁଣା ଖଦି ପିନ୍ଧି କଂଗ୍ରେସ କାମ କଲେ। ଦାସେ ଆପଣେଙ୍କ ସାଙ୍ଗରେ ବଢ଼ି ମରୁଡ଼ିରେ ସ୍ୱେଚ୍ଛାସେବୀ ଥିଲେ। କଂଗ୍ରେସ ତରଫରୁ କନିକା ଆନ୍ଦୋଳନର ଦାୟିତ୍ୱ ନେଇଥିଲେ। ଗୋପବନ୍ଧୁଙ୍କୁ ଲୋକେ ଓଡ଼ିଶା ଗାନ୍ଧି କହୁଥିଲେ। ଆଜିକାଲି ପିଲାଏ ଗାନ୍ଧିଙ୍କୁ ଭୁଲିଗଲେଣି। ଜେଏନ୍‌ୟୁରେ ପିଏଚ୍‌ଡି କରୁଥିବା ଗୋଟିଏ ଝିଅକୁ କପିଳା ବାସାୟନ ପଚାରିଲେ ଗାନ୍ଧିଙ୍କ ଲେଖା କିଛି ପଢ଼ିଛ ? ତା'ର ପାଲଟା ପ୍ରଶ୍ନ 'କୋଉ ଗାନ୍ଧି', ମୁଁ ଯାଉଛି କହି ଉଠି ଚାଲିଗଲେ। ଲୋକେ ଯେତେବେଳେ ଗାନ୍ଧିଙ୍କୁ ଭୁଲିଗଲେଣି, ଓଡ଼ିଶାର ଲୋକେ ଓଡ଼ିଶାର ଗାନ୍ଧିଙ୍କୁ ଭୁଲିଯିବାରେ ଆଶ୍ଚର୍ଯ୍ୟ କିଛି ନାହିଁ।

ଗାନ୍ଧିଙ୍କୁ ମାନବବାଦୀ କହିବାରେ ପଶ୍ଚିମୀ ପଣ୍ଡିତମାନଙ୍କର ଆପତ୍ତି। ଖୁବ୍ ବେଶି ହେଲେ ଗାନ୍ଧିଙ୍କୁ ଗୋଷ୍ଠୀବାଦୀ କୁହାଯାଇପାରିବ। ବଡ଼ ସାନ, ଉପର ତଳ ମାପକାଠିରେ ଦେଖୁଥିବା ପଶ୍ଚିମୀ ପଣ୍ଡିତମାନେ ଗାନ୍ଧି-ଗୋପବନ୍ଧୁ ଓ ଗୋପବନ୍ଧୁ-ମଧୁସୂଦନଙ୍କ ଭିତରେ ବିଭେଦ ଖୋଜି ଇତିହାସକୁ ବିକୃତ କରିଛନ୍ତି। ଗୋପବନ୍ଧୁ ଓଡ଼ିଶାରେ କଂଗ୍ରେସ ପକ୍ଷରେ ଠିଆ ହୋଇଥିଲେ। ମଧୁସୂଦନ ସ୍ୱତନ୍ତ୍ର ଓଡ଼ିଶା ପାଇଁ କଂଗ୍ରେସ ଛାଡ଼ିଥିଲେ। ତେଣୁ ଉଭୟ ମାନବବାଦୀ ହେବେ କିପରି ? ସେମାନଙ୍କର 'ତୁମେ କିମ୍ବା ମୁଁ' ତର୍କଭୂମିରେ ଯାହା ଅସମ୍ଭବ, ଆମର 'ତୁମେ ମୁଁ ଏବଂ'ତର୍କଭୂମିରେ ଏହା ସମ୍ଭବ ଓ ସହଜ ଏକଥା ନ ବୁଝିପାରି ଆମ ସାମ୍ରାଜ୍ୟବାଦୀ ଇତିହାସକାରମାନେ ଧନ୍ଦି ହୋଇଛନ୍ତି। କେହିକେହି ଗୋପବନ୍ଧୁଙ୍କୁ ସଂକୀର୍ଣ୍ଣତାବାଦୀ କହିବାକୁ ପଛେଇ ନାହାନ୍ତି। ପୃଥିବୀରେ ପରିବର୍ତ୍ତନ ସମ୍ଭବ। ଗାନ୍ଧି, ଗୋପବନ୍ଧୁ, ଅରବିନ୍ଦ, ବିବେକାନନ୍ଦଙ୍କୁ ମାନବବାଦୀ ପ୍ରବାହର ଧାରା କହିବା କେବଳ ଭାରତୀୟ ଚିନ୍ତାନାୟକଙ୍କ ପକ୍ଷରେ ହିଁ ସମ୍ଭବ।

ଭାଷା, ବେଶପୋଷାକ, ଆଚାରବ୍ୟବହାର, ଗୋଟିଏ କଥାରେ କହିଲେ ଚଳଣି, ଚାହାଣି ସବୁରେ ଶୋଭନୀୟତାର ପ୍ରକାଶ। ଭାଷା ଅଶୋଭନୀୟତା ସତକୁ ମିଛ, ମିଛକୁ ସତ କରେ। ଘର ଢ଼ିଙ୍କି କୁମ୍ଭୀର କରେ। ନୀତି, ନିୟମ ଓ ଶୃଙ୍ଖଳାକୁ ଭାଙ୍ଗି ସମାଜକୁ ଦୁର୍ବଳ କରିଦିଏ। ଭାଷା ଗୋଟିଏ ଦିଗରେ ଅସହନଶୀଳତା, ହିଂସା, ଦ୍ୱେଷ ବଢ଼ାଏ, ଅନ୍ୟଦିଗରେ ସ୍ନେହ, ପ୍ରେମ, ମୈତ୍ରୀର ପ୍ଲାବନରେ ସମାଜକୁ ଧୋଇ ପୋଛି ପରିଷ୍କାର କରିଦିଏ।

କନ୍ନଡ଼ କବି କୁଭେନୁ ଲେଖିଛନ୍ତି, "ଭାରତ ଜନନୀୟ ତନୁଜାତେ। ଜୟତୁ କର୍ଣ୍ଣାଟକ ମାତେ।" ଭାରତ ଆମ ମା', ଓଡ଼ିଶା ଆମ ମା', ଆମ ଗାଁ ମଧ୍ୟ ଆମ ମା'। ଆମେ ସମସ୍ତେ ଧରଣୀ ମାତାର ସନ୍ତାନ। ଆମକୁ ଯେଉଁମାନେ ବିଶ୍ୱୀକରଣ ଶିଖେଇବାକୁ ଆସୁଛନ୍ତି, ସେମାନେ ଜାଣନ୍ତି ନାହିଁ ଯେ ଆମ ପାଂଚହଜାର ବର୍ଷ ସଂସ୍କୃତିର ରକ୍ତରେ ବିଶ୍ୱକୁ ଆପଣାର କରିବାର ମଂଜି ପୋତା ହୋଇଛି। ବେଦ, ଉପନିଷଦ, ପୁରାଣ ଲେଖିଥିବା ଋଷି, ଗୁରୁମାନେ କହିଯାଇଛନ୍ତି ଯେ ସଂକୀର୍ଣ୍ଣମନାମାନେ ନିଜ ପର ଭେଦ ଦେଖନ୍ତି। ଉଦାରଚେତାମାନେ ସମଗ୍ର ବସୁଧାକୁ ଆପଣାର କୁଟୁମ୍ବ କରିନିଅନ୍ତି। ଆମେ ବହୁବାଦୀ ଦେଶର ପିଲା। ଏଠି ବହୁତ ଭାଷା, ବହୁତ ଜାତି, ବହୁତ ଗୋଷ୍ଠୀ, ବହୁତ ଧର୍ମ, ବହୁ ପ୍ରକାରର ଗଛଲତା, ବହୁ ରକମର ପଶୁପକ୍ଷୀ। ସାମାଜିକ ଏକତା ଆଣିବା ପାଇଁ କିମ୍ବା ଶୋଭନୀୟ ସମାଜ ଗଢ଼ିବା ପାଇଁ ମାରକାଟ କରି କିମ୍ବା ଭୟ ସୃଷ୍ଟିକରି ଏକତା ଆଣିବା ଏପରି ସମାଜରେ ଅସମ୍ଭବ। ପରିବର୍ତ୍ତନ ପାଇଁ ଆତ୍ମବିଶ୍ୱାସ ଏବଂ ପ୍ରତିବଦ୍ଧତା ସୃଷ୍ଟି ଏଥିପାଇଁ ଏକମାତ୍ର ବାଟ। ତେଣୁ ଗୋଟିଏ ଅନ୍ୟଟିର ପ୍ରତିଦ୍ୱନ୍ଦ୍ୱୀ ନୁହେଁ; ପରିପୂରକ ଏହି ବିଶ୍ୱାସ ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ। ପଶ୍ଚିମୀ ଚାହାଣି ଓ ଚଳଣି ଆମ ଉପରେ ସବାର ହେଉଥିବାରୁ ଆମର ଆପଣା ସଂସ୍କାର ଓ ଆତ୍ମବିଶ୍ୱାସ ଭାଙ୍ଗିଯାଉଛି। ଏଥିରୁ ବଂଚିବା ପାଇଁ ଗଣଶକ୍ତିକୁ ଜାଗ୍ରତ କରିବାକୁ ହେବ, ଗାନ୍ଧିବାଦକୁ ଘାଣ୍ଟିବାକୁ ହେବ।

♥ ୧୫୮୦/୧୯୮୯, ଭକ୍ତମଧୁ ନଗର, ଭୁବନେଶ୍ୱର-୩୦
ମୋ: ୯୫୪୩୭୬୫୦୬୨

ପଢିବା ପରେ

# ଛିନ୍ନମୂଳ ମଣିଷର କଥା : ଭୋକର ଭୂଗୋଳ

ବିପ୍ଳବ

ପ୍ରେମ କରିବା ବୟସରେ ସେ ପଢ଼ନ୍ତି କାହା ଲୁହର ପ୍ରେମରେ। ସେଥିରେ ଆକ୍ତାମାକ୍ତା ହୋଇ କବିତାରେ ଲଗାନ୍ତି ନିଆଁ। ଜାଳନ୍ତି ବିଦ୍ରୋହର ବହ୍ନି। ଅସହାୟ ମଣିଷର ପେଟର ଭୋକ ତାଙ୍କୁ ଅଥୟ କରେ।

ସେଇ ସବୁ ଭୋକ / ଯେଉଁମାନେ ଆମ୍ବ ଟାକୁଆ ଜାଉରେ ପହିଲି ଭୋଗର ସ୍ୱପ୍ନ / ପିଠା କି ଆହାର ପୂରେଇ ପାରେନି / ସେମାନଙ୍କ ପେଟ।

( ସେଇସବୁ ଲୋକ, ପୃ : ୧୦)

ଦେଖିଲେ ତ ସେଇ ସବୁ ଧାଡ଼ି, ଯାହା ମେହନତି ମଣିଷକୁ ସମର୍ପିତ ! ରଶ୍ମି ରଞ୍ଜନ ରାଉତଙ୍କ କବିତା ସଙ୍କଳନ 'ଭୋକର ଭଗ୍ନାଂଶ' ଏମିତି କବିତା ସବୁ ରହିଚି ଯାହା ଅବହେଳିତ, ନିଷ୍ପେସିତ ମଣିଷର କଥା କହେ। ଆଖିରେ ଲୁହ ଆଉ ମନରେ କୋହ ଆଣେ।

କରୋନା କାଳରେ ଯେଉଁମାନେ ବେଶୀ ଜୀବିକା ହରେଇଥିଲେ ସେମାନେ ସବୁ ଥିଲେ ଦିନ ମଜୁରିଆ ଆଉ ଇଟା ଭାଟିରେ କାମ କରୁଥିବା ଅବହେଳିତ ଲୋକ ସବୁ। ଦିନ ଯାକର ଅବିଶ୍ରାନ୍ତ ପରିଶ୍ରମ ଫଳରେ ସଞ୍ଚ ହେଲେ ସେମାନଙ୍କ ଚୁଲି ଜଳେ। କରୋନା କାଳରେ ଯେତେବେଳେ ସାମାଜିକ ଦୂରତାକୁ ପ୍ରାଧାନ୍ୟ ଦିଆ ହେଉଥିଲା ସେତେବେଳେ ସେମାନଙ୍କୁ କେବଳ ଜୀବିକା ହରେଇବାକୁ ପଡ଼ି ନଥିଲା ପାଟିରୁ ଆହାର ମଧ୍ୟ ଚାଲି ଯାଇଥିଲା। ପୋକ ମାଛି ପରି ଜୀବନ ଚାଲି ଯାଇଥିଲା।ତାକୁ ନେଇ ସଂକଳନଟିରେ ଦୁଇଟି କବିତା ଅଛି। ମୃତ୍ୟୁନାଚ ଓ ଭୂତାଣୁ।

ସେମାନେ ଆଉ ଖୋଜିବେନି / ବାପାଙ୍କ ଝାଲୁଆ ଗାମୁଛା / ମା' ର ପଣତକାନି ମୁହଁ ପୋଛିବାକୁ / କାହିଁକି ନା, / ମହାମାରୀ ସେମାନଙ୍କୁ ମାରି ଦେଇଛି।

( ଭୂତାଣୁ, ପୃ : ୧୪)

ନିର୍ବାଚନ ପାଖେଇ ଆସିଲେ ପ୍ରତିଶ୍ରୁତିର ବନ୍ୟା ଆସେ। ଭିତ୍ତି ପ୍ରସ୍ତର ସ୍ଥାପନର ବଡ ବଡ ବିଜ୍ଞାପନ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରେ। କୋଟି କୋଟି ଟଙ୍କାର ସ୍ୱପ୍ନ ଖବର କାଗଜର ମୁଖ୍ୟ ପ୍ରସଙ୍ଗ ପାଲଟେ। ଶିକ୍ଷାୟନର ମିଛ ସଂପର୍କରେ ଜନତାଙ୍କୁ ଭୁଆଁ ବୁଲାଯାଏ। କଟ୍ କରି କାଟି ଦିଆଯାଏ ଭେଣ୍ଡା ଗଛର ବେକ, ଦଂଶି ଦିଆଯାଏ ସବୁଜ କ୍ଷେତ, ପାନ ବରଜ। ମାଟି ପାଇଁ ପାର୍ଟି ପାଇଁ ନେଟା ଜନତା ସଂଘର୍ଷ ଲାଗେ। ବଦଳେନା ସାଧାରଣ ଲୋକଟିର ଭାଗ୍ୟ।

ତାଳିପକା ବିକାଶର ଛାତି ତଳେ / ବିଛାଇ ଦିଆ ଯାଇଛି ସ୍ୱପ୍ନ / ପାନ ବରଜ, ଢ଼ିଙ୍କିଶାଳ, ପିଲାଖେଳ ଉଜୁଡେଇ ଦେବାର ହୁକୁମ୍/ ଶୂନ୍ୟତାରେ ଆଦିମ ଷଡଯନ୍ତ୍ରର ଆତ୍ମବାସ / ବଦଳିବ ଢ଼ିଙ୍କିଆ ଭୂଗୋଳ।

( ଢ଼ିଙ୍କିଆ, ପୃ : ୪୫)

ଅନେକ ଗୁଡ଼ିକ କବିତାରେ ସେ ନିଜ ସମ୍ବେଦନଶୀଳତାର ପରିଚୟ ଦେଇଛନ୍ତି। ଗରିବ ଝିଅଟିଏ ଏଠି ନ୍ୟାୟ ପାଏନାହିଁ। ଖୋଦ୍ ନ୍ୟାୟର ଠିକାଦାର ମାନେ ତା ଇଜ୍ଜତ ଲୁଟନ୍ତି। ଇତିଶ୍ରୀ, ବେବିନା, ମମିତା, କୁନ୍ଦୁଲି ଝିଅ ତା'ର ବଳିଷ୍ଠ ଉଦାହରଣ।

ତୋ ପାଇଁ ଏବେ ଏବେ/ ମିଛର ମହା ପାର୍ବଣ/ ରାଜଧାନୀରେ, ରାଜ ରାସ୍ତାରେ, ରୁଦ୍ଧ ଦ୍ୱାରରେ.../ ଏଠି... ସେଠି... ସବୁଠି.../ ପୀଡ଼ିତାକୁ ନ୍ୟାୟ।

(କୁନ୍ଦୁଲି ଝିଅ, ପୃ : ୪୫)

କେବଳ ଭୋକ, ଯନ୍ତ୍ରଣା, ଲୁହ, କୋହରେ ସୀମିତ ନାହିଁ ତାଙ୍କ କବିତ

# ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-୨୦୨୪ ସଚେତନତା

## ବାଦ୍ୟ, ନୃତ୍ୟ, ସଙ୍ଗୀତ, ରଙ୍ଗୋଲିରେ ଝଲସିଲା ପଥଉତ୍ସବ

ଭଦ୍ରକ , ୨୮/୧୦ (ନି.ପ୍ର): ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୪ ସଚେତନତା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସଦର ମହକୁମାରେ ରଙ୍ଗାରଙ୍ଗ ଆକର୍ଷଣୀୟ ପଥଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରୁ ଏକ ବିଶାଳ ପଦଯାତ୍ରା ବାହାରି ଶହୀଦ ସ୍ମୃତି ଭବନ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର ସାଗରିକା ସାହୁ ପ୍ରମୁଖଙ୍କ ସହ ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ପଦଯାତ୍ରାରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ସ୍କାଉଟ୍, ଗାଇଡ୍, ଏନ୍.ସି.ସି. ପିଲା, ବରିଷ୍ଠ ନାଗରିକ ଗଣମାଧ୍ୟମ ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମହାସମାବେଶ ହୋଇଥିଲା । ବିଶେଷ କରି ପଥ ଉତ୍ସବ ପାଇଁ ଆୟୋଜିତ ଏହି ପଦଯାତ୍ରାରେ ଝନ୍ଦବାଲି ର ଢ଼ୋଲକ ବାଦ୍ୟ, ତିହିଡ଼ିର ଘଣ୍ଟବାଦ୍ୟ, ବାସୁଦେବପୁରର ଲଉଡ଼ି ନୃତ୍ୟ ଦଳ ନିଜ ନିଜର ସାଂସ୍କୃତିକ କଳା ପରିବେଷଣ କରି ପଦଯାତ୍ରା କାର୍ଯ୍ୟକ୍ରମକୁ ଖୁବ୍ ଆକର୍ଷଣୀୟ କରିଥିଲେ । ଶରୀଦ ସ୍ମୃତି ଭବନ ନିକଟରେ ସେଲ୍‌ଫି ପଏଣ୍ଟ, ଦସ୍ତଖତ ଅଭିଯାନ ସହ ଭଦ୍ରକ ଝରୁ ଓ କାରୁ କଳା ମହାବିଦ୍ୟାଳୟର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ନୂଆ ଭୋଟର ନାମ ପଞ୍ଜିରକରଣ ପାଇଁ ସଚେତନତା ଉଦ୍ଦେଶ୍ୟରେ ଖୁଦ୍ ସୁନ୍ଦର ରଙ୍ଗୋଲି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ପଥ ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶହିଦ ସ୍ମୃତି ଭବନରେ ଏକ ସଚେତନତା ଧର୍ମୀ ସାଧାରଣ ସଭା, ଆନ୍ତଜାର୍ତୀୟ, ଜାତୀୟ ରାଜ୍ୟ ସ୍ତରରେ ଖେଳରେ ସୁନାମ ଆଣିଥିବା ଜିଲ୍ଲାର ବିଶିଷ୍ଟ ଯୁବଖେଳାଳୀଙ୍କୁ ସମ୍ବର୍ଦ୍ଧନା, ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ୱିଜ୍ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସାଧାରଣ ସଭାରେ ଅତିଥି ଭାବେ ଯୋଗଦେଇ ଯୁବଗୋଷ୍ଠୀ ଓ ପିଲାମାନଙ୍କ ସଚେତନତା ଉଦ୍ଦେଶ୍ୟରେ ଅକ୍ଟୋବର ୨୭ ରୁ ଆରମ୍ଭ ହୋଇଥିବା ଏବଂ ଡିସେମ୍ବର ୯ରେ ଶେଷ ହେବାକୁ ଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ନୂତନ ଭୋଟର ପାଇଁ ଆବେଦନ, ସ୍ୱତନ୍ତ୍ର ଅଭିଯାନ ଦିବସ, ଆପ୍ ଜରିଆରେ ଅନ୍‌ଲାଇନ୍‌ରେ ନାମ ପଞ୍ଜିକରଣ, ଭୋଟର ତାଲିକାରେ ନାମ ଯୋଗ କରିବା, ନାମ ବାଦ ଦେବା, ସଂଶୋଧନ କରିବା ପାଇଁ ଉଦ୍ଦିଷ୍ଟ ଫର୍ମ ସବୁ ସମ୍ବନ୍ଧରେ ମଧ୍ୟ ସବିଶେଷ ସୂଚନା ପ୍ରଦାନ କରାଯାଇଥିଲା । ଡେପୁଟୀ କଲେକ୍ଟର ସାଗରିକା ସାହୁ ମଞ୍ଚ ପରିଚାଳନା କରିଥିଲେ । ଭଦ୍ରକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ସାହୁ କ୍ୱିଜ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆନ୍ତର୍ଜାତୀୟ ସ୍ତରରେ ଫେନସିଂରେ ସୁନାମ ଅର୍ଜନ କରିଥିବା ଦିବ୍ୟାଙ୍ଗ ଖେଳାଳୀ ମଧୁସ୍ମିତା ସାହୁ, ଟେନିକଏଟ୍ ଖେଳାଳୀ ନିର୍ମଳ ଚନ୍ଦ୍ର ସେନ୍, ୧୦,୦୦୦ ମିଟର ଦୌଡ଼ରେ ରାଜ୍ୟ ସ୍ତରରେ ତୃତୀୟ ପୁଷ୍ଟିତା ପାଣିଗ୍ରାହୀ ଏବଂ ଜାତୀୟ ସ୍ତରରେ ବିଭିନ୍ନ ଖେଳରେ ଜିଲ୍ଲାର ଭାଗ ନେଇଥିବା ସମସ୍ତଙ୍କୁ ମିଶାଇ ୧୨ ଜଣ ଖେଳାଳୀଙ୍କୁ ଏହି ଉତ୍ସବରେ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଶାହା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି ପଥ ଉତ୍ସବ କାର୍ଯ୍ୟକ୍ରମରେ ସାମିଲ ହୋଇ ଆନୁସଙ୍ଗିକ ସହଯୋଗ କରିଥିଲେ ।

# ଭୋଟର ସଚେତନତା ପାଇଁ ବାଲେଶ୍ୱରରେ ଅନୁଷ୍ଠିତ ହେଲା ପଥୋତ୍ସବ ଓ ୱାକାଥନ

ବାଲେଶ୍ୱର, ୨୮/୧୦ (ନି.ପ୍ର): ଭୋଟର ପଞ୍ଜିକରଣ ଓ ନିର୍ଭୁଲ ତଥା ସମ୍ପୂର୍ଣ୍ଣ ଭୋଟର ତାଲିକା ପ୍ରସ୍ତୁତି ଆଦି ଉପରେ ସଚେତନତା ସୃଷ୍ଟି ନିମନ୍ତେ ଆଜି ପ୍ରତ୍ୟୁଷରେ ବାଲେଶ୍ୱର ସହର ସଦର ମହକୁମାରେ ପଥୋତ୍ସବ ଓ ୱାକାଥନ ଅନୁଷ୍ଠିତ ହୋଇଯାଇଛି । ସକାଳ ୬ ଘଟିକାରୁ ୧୦ ଘଟିକା ପର୍ଯ୍ୟନ୍ତ ପାଳିତ ଏହି ଉତ୍ସବରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଗାନ୍ଧୀସ୍ମୃତି ଭବନ ପର୍ଯ୍ୟନ୍ତ ଏକ ୱାକାଥନ ଆୟୋଜିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟ,ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ,କର୍ମଚାରୀ ଓ କର୍ମକର୍ତ୍ତା, କ୍ରୀଡାବିତ ତଥା ଅନ୍ୟାନ୍ୟ ସାଧାରଣ ଜନତା ଯୋଗଦାନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ସମଗ୍ର ରାଜ୍ୟରେ ଭୋଟର ସଚେତନତା ନିମନ୍ତେ ଆଜିର ଦିନରେ ପଥୋତ୍ସବ ଓ ୱାକାଥନ ଆୟୋଜିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପଥୋତ୍ସବରେ ଜିଲ୍ଲା କାର୍ଯ୍ୟାଳୟରୁ ଗାନ୍ଧୀସ୍ମୃତି ଭବନ ପଥପ୍ରାନ୍ତରେ ବିଭିନ୍ନ ସାଂସ୍କୃତିକ ତଥା ପ୍ରଦର୍ଶନମୂଳକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟରଙ୍କ ନିମନ୍ତେ ସଚେତନତାର ବାର୍ତ୍ତା ପ୍ରସାର କରାଯାଇଥିଲା । କାର୍ଯ୍ୟକ୍ରମରେ ପଥପ୍ରାନ୍ତ ନାଟକ, ସଙ୍ଗୀତ, ନୃତ୍ୟ, ଗୀତ, ରଙ୍ଗୋଲି, ସମର କଳା, ଚିତ୍ରାଙ୍କନ, ଯୋଗ, ଖେଳ, କସରତ, ଲୋକନୃତ୍ୟ, ଲୋକସଙ୍ଗୀତ, ଅର୍କେଷ୍ଟ୍ରା ତଥା ଅନ୍ୟାନ୍ୟ ମନମୁଗ୍ଧକର କାର୍ଯ୍ୟକ୍ରମ ପରିବେଷଣରେ ରଙ୍ଗୀନ ଓ ଚଳଚଞ୍ଚଳ ହୋଇଉଠିଥିଲା ସହରର ଏହି ରାସ୍ତା । ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ସଚେତନତାମୂଳକ ପ୍ରଦର୍ଶନ, ଖାଦ୍ୟ ପାନୀୟ ବ୍ୟବସ୍ଥା, ସ୍ୱୟଂସହାୟକ ଗୋଷ୍ଠୀ ତଥା ମିଶନଶକ୍ତି ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୀ ଆଦି ନିମନ୍ତେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଷ୍ଟଲ ରାସ୍ତା ପାର୍ଶ୍ୱରେ ଖୋଲା ଯାଇଥିଲା । ଭୋଟଦାନ ପ୍ରଣାଳୀ ଉପରେ ସଚେତନତା ସୃଷ୍ଟି ନିମନ୍ତେ ମହିଳାଙ୍କ ପାଇଁ ପିଙ୍କ୍ ବୁଥ, ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ପି.ଡବ୍ଲ୍ୟୁ.ଡି ବୁଥ ଏ୍ୱଂ ମଡେଲ ବୁଥ ଆଦି ଖୋଲାଯାଇ ଯୁବ ଭୋଟର ମାନଙ୍କୁ ସଚେତନ କରାଯାଇଥିଲା । ଭୋଟର ପଞ୍ଜିକରଣ ନିମନ୍ତେ ମଧ୍ୟ ସ୍ୱତନ୍ତ୍ରଭାବେ ଷ୍ଟଲ ଖୋଲାଯାଇଥିଲା । ଭୋଟର ସଚେତନତାମୂଳକ ବ୍ୟାନର, ପୋଷ୍ଟର, ପ୍ଲାକାର୍ଡ ଆଦିରେ ଭରିଯାଇଥିଲା ଉତ୍ସବସ୍ଥଳୀ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସୁରେଶ ଚନ୍ଦ୍ର ଦଳାଇ । ଉତ୍ସବରେ ଅନ୍ୟ ସମ୍ମାନିତ ଅତିଥି ଭାବେ ଉତ୍ତରାଞ୍ଚଳ ପୋଲିସ ଆଇ.ଜି ଶ୍ରୀ ହିମାଂଶୁ ଲାଲ, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ,ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ,ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ କୁନାଲ ମୋତିରାମ ଚହ୍ୱାନ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦାନ କରିଥିଲେ । ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ନିର୍ବାଚନ ଉପବିଭାଗ ତରଫରୁ ଡେପୁଟୀ କଲେକ୍ଟର ସୁଶ୍ରୀ ଗାୟତ୍ରୀ ସୋରେନଙ୍କ ଆୟୋଜନାରେ ସଫଳ ଭାବେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ସହାୟତା କରିଥିଲେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା ଓ ଅନ୍ୟ ଅଧିକାରୀବୃନ୍ଦ । ସମସ୍ତ ଅତିଥି ୱାକାଥନରେ ଅଂଶ ଗ୍ରହଣ କରିଗାନ୍ଧୀ ସ୍ମୃତିଭବନ ଠାରେ ଆୟୋଜିତ ଉଦଯାପନୀ ସଭାରେ ଭୋଟର ସଚେତନତା ମୂଳକ ବକ୍ତବ୍ୟ ରଖିଥିଲେ ଏବଂ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ସର୍ବଶ୍ରେଷ୍ଠ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଏଠାରେ ଭାରତୀୟ ନିର୍ବାଚନ କମିଶନ ପ୍ରେରିତ ଏବଂ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଭୋଟର ସଚେତନତା ଓ ମୁବିମିତା ଭିଡିଓ ପ୍ରଦର୍ଶିତ ହୋଇଥିଲା । ଏହି ଉତ୍ସବକୁ ବିପୁଳ ସମର୍ଥନ ପୂର୍ବକ ସାଫଲ୍ୟ ମଣ୍ଡିତ କରିଥିବାରୁ ଜିଲ୍ଲା ପ୍ରଶାସନ ତରଫରୁ ବାଲେଶ୍ୱର ଜନସାଧାରଣଙ୍କୁ ଧନ୍ୟବାଦ୍ ଅର୍ପଣ କରାଯାଇଛି ।

# କୁଳିଅଣା ଓ କଳାବାଡ଼ିଆ ଓଭରବ୍ରିଜ ଏବଂ ଆଲୋକ ବ୍ୟବସ୍ଥାର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ବାରିପଦା, ୨୮/୧୦ (ନି.ପ୍ର): ୧୮ନମ୍ବର ଜାତୀୟ ରାଜପଥ ର କୋଳିଅଣା ଓ କଳାବାଡ଼ିଆ ଠାରେ ନିର୍ମାଣ ହୋଇଥିବା ଓଭର ବ୍ରିଜ ଏବଂ ଆଲୋକ ବ୍ୟବସ୍ଥାକୁ କେନ୍ଦ୍ର ଆଦିବାସୀ କଲ୍ୟାଣ ଓ ଜଳଶକ୍ତି ରାଷ୍ଟ୍ର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ଆଜି ଉଦଘାଟନ କରିଛନ୍ତି । ସୂଚନାଯୋଗ୍ୟ କୋଳିଅଣା ଓ କଳାବାଡ଼ିଆ ମୁଖ୍ୟ ଛକ ଦେଇ ଯାଇଥିବା ଜାତୀୟ ରାଜପଥରେ ଓଭର ବ୍ରିଜ ନଥିବାରୁ ଅନେକ ଦୁର୍ଘଟଣା ଘଟି ପଦଚାରି ଓ ଗାଡି ଚାଳକଙ୍କ ଜୀବନ ଯାଇଥିଲା । ଏନେଇ ସ୍ଥାନୀୟ ଲୋକେ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିବା ବେଳେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ଏନଏଚଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଦୁଇଟି ଅଭରବ୍ରିଜର ନିର୍ମାଣ ହୋଇଥିଲା । ତେବେ ଆଜି କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଓଭରବ୍ରିଜଏବଂ ରାସ୍ତାର ଦୁଇ ପାର୍ଶ୍ୱର ଆଲୋକ ବ୍ୟବସ୍ଥାକୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଟୁଡୁଙ୍କ ଙ୍କ ସହ ଏନଏଚଆଇର କର୍ମଚାରୀ, ମଣ୍ଡଳ ସଭାପତି ଶୁଶାନ୍ତ ବାରିକ, ସାଧାରଣ ସମ୍ପାଦକ ମାନସିଂ ସରେନ, ମଣ୍ଡଳ ପ୍ରଭାରୀ ଅଜିତ ସେଜପଡା, ବରିଷ୍ଠ ନେତା ଫାଗୁ ହାଁସଦା, ଅଶୋକ ପାଣିଗ୍ରାହୀ, ଜୟନ୍ତ ଦତ୍ତ, ହରିଶ ମହାନ୍ତ, ଉତ୍ତମ ବସା, ସାଂସଦ ପ୍ରତିନିଧି ବିଶ୍ୱନାଥ ବସା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଓସିଏଲ ପକ୍ଷରୁ ଦେଶର ପ୍ରଥମ ରେଫରେନ୍ସ ଗ୍ୟାସୋଲିନ ଓ ଡିଜେଲ ଉତ୍ପାଦନ

ପାରାଦୀପ, ୨୮/୧୦ (ନି.ପ୍ର): କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଉପସ୍ଥିତିରେ ଗୁରୁବାର ଦିନ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ (ଆଇଓସିଏଲ୍) ଦେଶର ପ୍ରଥମ ପେଟ୍ରୋଲ ଏବଂ ଡିଜେଲ ରେଫରେନ୍ସ ଇନ୍ଧନ ଉତ୍ପାଦନର ଶୁଭାରମ୍ଭ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଶେଷ ଭାବେ ଆମଦାନୀ ଉପରେ ନିର୍ଭରଶୀଳ ଆଇଓସିଏଲ ଦ୍ୱାରା ଉତ୍ପାଦିତ ଏହି ଇନ୍ଧନ ଭାରତର ନିର୍ଭରଶୀଳତାକୁ ହ୍ରାସ କରିବା ସହିତ ଦେଶର ଶକ୍ତି ଶିଳ୍ପକୁ ସ୍ୱତନ୍ତ୍ର ଦକ୍ଷତା ସହିତ ସଜ୍ଜିତ କରି ବିଶ୍ୱ ବଜାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ । ଏହି ଇନ୍ଧନର ଉତ୍ପାଦନ ଭାରତକୁ ଆତ୍ମ ନିର୍ଭରଶୀଳ ଭାରତର ନିକଟତର କରିବ ବୋଲି ଆଶା କରାଯାଉଛି । ଆଇଓସିଏଲ ଏହାର ପାରାଦୀପ ରିଫାଇନାରୀରେ ଗ୍ୟାସୋଲିନ ରେଫରେନ୍ସ ଇନ୍ଧନ ଏବଂ ପାନିପଥ ରିଫାଇନାରୀରେ ଡିଜେଲ ରେଫରେନ୍ସ ଇନ୍ଧନ ଉତ୍ପାଦନ ପାଇଁ ବ୍ୟବସ୍ଥା କରିଛି । ଏହି ପରିପ୍ରେକ୍ଷୀରେ ଗତ ଗୁରୁବାର ଦିନ ଏହି ଉତ୍ପାଦନର ଶୁଭାରମ୍ଭ ଅବସରରେ ପାରାଦୀପ ତୈଳ ବିଶୋଧନାଗାରରୁ ଗ୍ୟାସୋଲିନ ରେଫରେନ୍ସ ଇନ୍ଧନ ର ଶୁଭ ଉଦଘାଟନ ହୋଇଯାଇଛି, ଏହା ଅଟୋମୋବାଇଲ୍ ଉତ୍ପାଦନକାରୀଙ୍କ ଦ୍ୱାରା ଯାନ ପରୀକ୍ଷା ପାଇଁ ବ୍ୟବହୃତ ହୋଇଥାଏ ।

# ସୁବର୍ଣ୍ଣପୁରରେ ଭୋଟର ସଚେତନତା ପାଇଁ ୱାକଥନ ଓ ପଥୋତ୍ସବ

ସୁବର୍ଣ୍ଣପୁର, ୨୮/୧୦ (ନି.ପ୍ର): ଜାତୀୟ ନିର୍ବାଚନ ଆୟୋଗ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷ ରୁ ମତ ଦାନ ସଚେଚନତା ଉପରେ ସ୍ଥାନୀୟ ଝିଙ୍କି ଛକ ଠାରୁ ଏକ ୱାକଥନ ରାଲି ର ଶୁଭ ଉଦଘାଟନ ହୋଇଥିଲା । ଝିଙ୍କି ଠାରୁ ବିଜୁ ପଟ୍ଟନାୟକ ଛକ ଯାଏ ଅନୁଷ୍ଠିତ ଏହି ରାଲି କୁ ଜିଲ୍ଲାପାଳ ବିମଳେନ୍ଦୁ ରାୟ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ । ଉପ ଜିଲ୍ଲାପାଳ ଡ଼ଃ ଇପ୍ସିତା ପ୍ରିୟ ଦର୍ଶନୀ ମିଶ୍ର ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରାଲିରେ ଏଡିଏମ, ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ ଙ୍କ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, ସ୍ୱଚ୍ଛ ଭାରତ, ସୋନପୁର କଲେଜ ଏନ ସି ସି, ବିଜୁ ପଟ୍ଟ ନାୟକ ମହିଳା କଲେଜ, ଓ ସହର ର ସମସ୍ତ ସରକାରୀ ବେସରକାରୀ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ଯୋଗ ଦେଇ ସହର ପରିକ୍ରମକ୍ଷ କରି ଥିଲେ । ପରେ ପରେ ବିଜୁ ପଟ୍ଟ ନାୟକ ଛକ ଠାରେ ଏକ ପଥୋତ୍ସବ ସଚେତନତା ସଭା ଓ ସଂକ୍ଷସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲାପାଳ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସମସ୍ତେ ଭୋଟ ରେ ଅଂଶ ଗ୍ରହଣ କରି ଆମ ଜିଲ୍ଲା ର ମତ ଦାନ ହାର ରେକର୍ଡ କୁ ଏକ ନମ୍ବର ସ୍ଥାନ ରେ ରଖି ବାକୁ ଉପସ୍ଥିତ ଛକ୍ଷତ୍ର ଛାତ୍ରୀ, ବୁଦ୍ଧିଜୀବୀ ଙ୍କୁ ନିବେଦନ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ଡିବେଟ, ରଙ୍ଗୋଲି, ଆର୍ଟ ଓ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସଭାକୁ ଲୋକ ସମ୍ପର୍କ ବିଭାଗର ବିଦ୍ୟାପତି ପଣ୍ଡା ପରିଚାଳନା କରିଥିବା ବେଳେ ଉପ ଜିଲ୍ଲାପାଳ ଡ଼ଃ. ଇପସିତା ପ୍ରିୟ ଦର୍ଶନୀ ମିଶ୍ର ଅତିଥି ସ୍ୱାଗତ କରିଥିଲେ । ଏବଂ ଭୋଟର ସଚେତନତା କାର୍ଯ୍ୟକ୍ରମ ର ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ବୁଝାଇ ୱାକଥନ ଓ ପଥଉତ୍ସବର ସଫଳତା ରେ ଉଲ୍ଲେଖନୀୟ ଭୂମିକା ଥିବା ସମସ୍ତ ଅନୁଷ୍ଠାନ କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ଟଙ୍କା ଫେରି ପାଇବେ...

ଜମାକାରୀ ଆବେଦନ କରିଥିଲେ । ସେମାନଙ୍କ ଦାବି ଅନୁଯାୟୀ ସମୁଦାୟ ୪୭୯ କୋଟି ୫୫ ଲକ୍ଷ ୪୩ ହଜାର ୨୭୪ ଟଙ୍କା ଆବଶ୍ୟକ ବୋଲି ସେ ନିଜ ଆବେଦନରେ ଦର୍ଶାଇଥିଲେ । ହାଇକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଚିହ୍ନଟ ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୫୯ ହଜାର ୨୮୦ ଜଣଙ୍କୁ କ୍ଷୁଦ୍ର ଏବଂ ଯୋଗ୍ୟ ଜମାକାରୀ ଭାବେ ଚିହ୍ନଟ କରାଯାଇଛି ବୋଲି ସେ ନିଜ ଆବେଦନରେ ଦର୍ଶାଇ୍ୱା ସହ ଫେରସ୍ତ ପ୍ରକ୍ରିୟା ପାଇଁ ଅନୁମତି ଲୋଡ଼ିଥିଲେ ।

### ଥାନା ଭିତରେ ମହିଳା....

ମହିଳା ଆଇଆଇସି ମିନି ଭୋଳ ନିଜ ଚେୟାରରେ ବସି ଅଫିସ୍ କାମ କରୁଥିଲେ । ଆଇଆଇସିଙ୍କୁ ଏକୁଟିଆ ପାଇ ଆକ୍ରମଣ କରିଥିଲା ଅଭିଯୁକ୍ତ । ବ୍ଲେଡ୍‌ରେ ତାଙ୍କ ବେକ ଓ ହାତକୁ କାଟି ଦେଇଥିଲା । ଆଇଆଇସି ଠେଲାପେଲା କରି ଥାନାରୁ ବାହାରକୁ ପଳାଇ ଯାଇଥିଲେ । ମହିଳା ଆଇଆଇସିଙ୍କ ଚିତ୍କାର ଶୁଣି ଅନ୍ୟ କର୍ମଚାରୀମାନେ ଅଭିଯୁକ୍ତ ଶ୍ରୀ ଦେଓକୁ ଧରିବା ସହିତ ଆଇଆଇସିଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରିଥିଲେ । ଆକ୍ରମଣର ପୂରା ଚିତ୍ର ସିସିଟିଭିରେ କଏଦ ହୋଇଛି । ପୁଲିସ୍ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

### ହବିଷ୍ୟାଳୀ ଶିବିରରେ...

ବୋତଲ କୁଆଡୁ ଆସିଲା ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାର

ରବିବାର, ଅକ୍ଟୋବର ୨୯, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଅରଣ୍ୟକ ଦ୍ୱାରା ଭୋଟ ସଚେତନତା ପାଇଁ ପଥ ଉତ୍ସବ ପାଳିତ

ବାଲେଶ୍ୱର , ୨୮/୧୦ (ନି.ପ୍ର): ବାଲେଶ୍ୱର ସହରରେ ଭୋଟର ସଚେତନତା ପାଇଁ ପଥ ଉତ୍ସବ ନାମରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଅଭିନ୍ନରୂପେ ଆୟୋଜନ କରିଛି । ବାଲେଶ୍ୱର ରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଅରଣ୍ୟକ ତରଫରୁ ପ୍ରଶାସନ ଦ୍ୱାରା ପ୍ରଦତ୍ତ ଡେର ନଂ ଷ୍ଟଲରେ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଭୋଟ ଅଧିକାର ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଜେତାଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ସଚେତନତା ସୃଷ୍ଟି କରାଯାଇଛି । ଏଥିରେ ଅରଣ୍ୟକ ସ୍ଥାୟୀ ସଭାପତି ଉପାସନା ପଟ୍ଟନାୟକ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ମାନବାଧିକାର କର୍ମୀ ସୁଧାକର ସେଠୀ ସଭାପତିତ୍ୱ କରିଥିଲେ । ଉଦଘାଟକ ଭାବେ ବରିଷ୍ଠ ସମାଜସେବୀ ତଥା ଆଜିକାଲି ର ମୁଖ୍ୟ ଲକ୍ଷ୍ମୀନାରାୟଣ ମହାନ୍ତି ବରେଣ୍ୟ ଅତିଥି ଭାବେ ଯୁବ ସାମ୍ବାଦିକ ପରିବେଶ ପ୍ରେମୀ ବିବେକ ଦାସ,ଆନ୍ତର୍ଜାତିକ ଚିତ୍ର ଶିଳ୍ପୀ କେଶୁ ଦାସ ଭାବେ ସାମ୍ବାଦିକ ଉବାଚକ ମହାନ୍ତି,ଆଲୋକ ବାରିକ, ବ୍ରହ୍ମାନନ୍ଦ ସ୍ୱାଇଁ,,ଆଭିଶେକ ପରିଡା ପ୍ରମୁଖ ଯୋଗଦେଇ ଆଜିର କାର୍ଯ୍ୟକ୍ରମର ମହତ୍ୱ ବିଷୟରେ ମତ ରଖିବା ସହ ବିଜେତାଙ୍କୁ ପୁରସ୍କାର ବିତରଣ କରିଥିଲେ । ଶେଷରେ ଅରଣ୍ୟକର ସଂଯୋଜିକା ଆଗ୍ନେଶା ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବାରେ ସାହାଯ୍ୟ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ,ସମାଜସେବୀ ଶ୍ରୀଯୁକ୍ତ ପ୍ରଦିପ୍ତକୁମାର ପଣ୍ଡା ପ୍ରମୁଖ ପରିଦର୍ଶନରେ ଆସି ନିଜ କଥା ରଖିଥିଲେ ।

# ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ଲକ୍ଷ୍ମୀପୂଜା ପାଳିତ

ଖଇରା, ୨୮/୧୦ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକର ପୁରପଲ୍ଲୀରେ ଲକ୍ଷ୍ମୀପୂଜା ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ମନ୍ତ୍ରପାଠ ସାଙ୍ଗକୁ ଶଙ୍ଖହୁଳି ଧ୍ୱନିରେ ମାଙ୍କୁ ଆରାଧନା କରାଯାଉଛି । ବିସୁନପୁର ଗ୍ରାମର ମା ମୁକ୍ତାଶୁଣି ଲକ୍ଷ୍ମୀପୂଜା କମିଟି ଆନୁକୂଲ୍ୟରେ ପୁଜା ନିତିକ୍ରାନ୍ତି ଆରମ୍ଭ ହୋଇଛି । ପ୍ରଶାନ୍ତ କୁମାର ଜେନା,ଅନିରୁଦ୍ଧ ସାହୁ ଓ ମାନସ କୁମାର ପ୍ରଧାନ ଦ୍ୱାରା କଳସ ଅଣାଯାଇଥିଲା । ପଣ୍ଡିତ ବିରଞ୍ଚି ନାରାୟଣ ପଣ୍ଡା,ଆଦିକନ୍ଦ ପଣ୍ଡା ଓ ପରମାନନ୍ଦ ପଣ୍ଡାଙ୍କ ଦ୍ୱାରା ହୋମଯଜ୍ଞାଦି କର୍ମ ସମ୍ପର୍ଣ୍ଣ ହୋଇଥିଲା । ଉଦୟ କୁମାର ପଣ୍ଡା,କୈଳାସ ଜେନା,ରବିନ୍ଦ୍ର ସାହୁ,ଅନାମ ସାହୁ,ଭରତ ଚନ୍ଦ୍ର ସାହୁ,କମଳେଶ ପ୍ରଧାନ,ନରହରି ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିଭଳି ଫଗୁଣା ଗ୍ରାମରେ ଦେବେନ୍ଦ୍ର ନାୟକ ଓ ରାଜୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା କମଳାଙ୍କ ପୂଜାର୍ଚ୍ଚନା ଯଥାବିଧି ଆରମ୍ଭ ହୋଇଛି । ଏହାଛଡା ସାରୁଗାଁରେ ହରେକୃଷ୍ଣ ଦାଶ ଓ ଅଦୈତ୍ୟ ପ୍ରସାଦ ଦାଶଙ୍କ ସହଯୋଗରେ ମା ପଦ୍ମାଳୟାଙ୍କୁ ଆରାଧନା କରାଯାଇଛି । ମଧ୍ୟାହ୍ନରେ କଳସ ଅଣାଯାଇ ଭକ୍ତଙ୍କ ଗହଣରେ ପୁଜା ଆରମ୍ଭ ହୋଇଛି । ବ୍ଲକର ମାହାରାସାହି, ପତିରାଜପୁର, ସମ୍ପେଇ, କିଶୋରନଗର, ବ୍ରାହ୍ମଣପୋଖରୀ, ବାରିଙ୍ଗିଆ,ଚକାପଦା ଇତ୍ୟାଦି ଗ୍ରାମରେ ପୁଜା ଧୁମଧାମରେ ଆରମ୍ଭ ହୋଇଛି । ଚନ୍ଦ୍ର ଗ୍ରହଣ ଯୋଗୁଁ ବହୁ ସ୍ଥାନରେ ପୁଜା ସମୟ ପରିବର୍ତ୍ତନ କରାଯାଇଛି । ମୋକ୍ଷ ପରେ କଳସ ଅଣାଯିବ ବୋଲି କମିଟି କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି ।

# ଚିନ୍ମୟ ମିଶନ ଦ୍ୱାରା ବ୍ୟକ୍ତିତ୍ୱ ବିକାଶ ଶିବିର ଉଦ୍‌ଯାପିତ

ବାରିପଦା, ୨୮/୧୦ (ନି.ପ୍ର): ବାରିପଦା ଚିନ୍ମୟ ମିଶନ ଦ୍ୱାରା ତିନିଦିନ ଧରି ସ୍କୁଲ ପିଲାଙ୍କ ମଧ୍ୟରେ ଚାଲିଥିବା ବ୍ୟକ୍ତିତ୍ୱ ବିକାଶ ଶିବିର ଆଜି ଉଦଯାପିତ ହୋଇଯାଇଛି. ସଭାପତି ବିଜୟ ଲେଙ୍କାଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରିଣି ଉତ୍ସବରେ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ ଶିବିରର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିବା ବେଳେ, ବ୍ରହ୍ମଚାରିଣୀ ଅଗସ୍ତ୍ୟା ଚୈତନ୍ୟ ପିଲାମାନଙ୍କୁ ମାତୃପୂଜା କରାଇଥିଲେ । ମୁଖ୍ୟ ଅତିଥି ଭାବରେ ଉପନଗରପାଳ ସୀମା ଦାସ, ସମ୍ମାନିତ ଅତିଥି ଭାବରେ ରୋଟାରି କ୍ଲବର ସଭାପତି ରାକେଶ ସିଂ, ଯୋଗ ଗୁରୁ ରାକେଶ ମହାନ୍ତ, ସାମ୍ବାଦିକ ସଞ୍ଜୟ ଚୌଧୁରୀ, ନର୍ସିଙ୍ଗ ଡାଇରେକ୍ଟର ଡ଼ା. ପ୍ରାଣକୃଷ୍ଣ ବେହେରା, ପୂର୍ବତନ ଇନକମ ଟେକ୍ସ ଅଫିସର ତପନ ପଟ୍ଟନାୟକ, ପ୍ରଦୀପ ମହାନ୍ତି, ସମ୍ପଦ ଦାସ, ଓଆରଡି ସଂସ୍ଥାର ଅଧକ୍ଷ ସାଇ ଓମ ପ୍ରକାଶ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଶିବିରର୍ଥୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ଚିନ୍ମୟ ମିଶନ ବାରିପଦାର ସମ୍ପାଦକ ଅଜିତ ବେହେରା ଶିବିର ପରିଚାଳନା କରିଥିବା ବେଳେ, ସଚ୍ଚିଦାନନ୍ଦ ଗୁରୁକୁଳର ଛାତ୍ରୀ ତନ୍ୟତା ମହାନ୍ତ ଓ ପୋଲିସ ଲାଇନ ସ୍କୁଲ ଛାତ୍ର ନିର୍ମଳ ବାଇ ସର୍ବଶ୍ରେଷ୍ଠ ଶିବିରାର୍ଥୀ ରୂପେ ପୁରସ୍କୃତ କରାଯାଇଥିଲା. ଏହି ଅବସରରେ ମହାରାଣୀ ପ୍ରେମକୁମାରୀ ବାଳିକା ବିଦ୍ୟାଳୟ ଓ ସଚ୍ଚିଦାନନ୍ଦ ଗୁରୁକୁଳକୁ ଶ୍ରେଷ୍ଠ ଅନୁଷ୍ଠାନ ରୂପେ ସମ୍ମାନିତ କରାଯାଇଥିବା ବେଳେ, ମମତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୁରଭଂଜ ଜିଲ୍ଲାରେ ପିକଅପ ଭ୍ୟାନରୁ ବିପୁଳ ମାତ୍ରାରେ ଗଂଜେଇ ଜବତ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ମୟୁରଭଂଜ ଜିଲ୍ଲାରେ ଏକ ପିକ ଅପ ଭ୍ୟାନରୁ ବିପୁଳ ମାତ୍ରାରେ ଗଂଜେଇ ଜବତ କରାଯାଇଛି ।
ମିଳିଥିବା ସୂଚନା ଅନୁସାରେ ବାରିପଦା ଅବକାରୀ ବିଭାଗକୁ ଗତ ରାତିରେ କୌଣସି ବିଶ୍ୱସ୍ତ ସୁତ୍ରରୁ ଗଂଜେଇ ଚାଲାଣ ହେଉଥିବା ସୂଚନା ମିଳିଥିଲା । ଏହି ଖବର ପାଇ ବାରିପଦା ଅବକାରୀ ବିଭାଗ ମୋବାଇଲ୍ ଟିମ୍ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜାତୀୟ ରାଜପଥ ୧୮ ର କୁଳିଅଣା ଟୋଲଗେଟ୍ ନିକଟରେ ମାଡିବସିଥିଲା । ଏହିମାମଲାରେ ଜଣଙ୍କୁ ଗିରଫ କରାଯାଇଛି । ଜବତ ଗଞ୍ଜେଇ ର ପରିମାଣ ୬୨କିଲୋ ୧୨୦ ଗ୍ରାମ ବୋଲି ଜଣାପଡିଛି ।

# ବିଶେଷ ସାରାଂଶ ସଂଶୋଧନ -୨୦୨୪ର ଶୁଭାରମ୍ଭ

ଖୋର୍ଦ୍ଧା, ୨୮/୧୦ (ନି.ପ୍ର): ଖୋର୍ଦ୍ଧା ଠାରେ ଉପ-ଜିଲ୍ଲାପାଳ ଉଦଘାଟନ କରିଛନ୍ତି । ଏହି ଉପଲକ୍ଷେ ଏକ ପଥ ଉତ୍ସ୍ୱ ଏବଂ ୱ୍ୱାକାଥନ ସଚେତନତା ରାଲି କାର୍ଯ୍ୟକ୍ରମ ପଲ୍ଲାହାଟ ରୁ ବାହାରି ଖୋର୍ଦ୍ଧା ଷ୍ଟାଡିୟମ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ତହସିଲଦାର, ବି ଡିଓ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ,ସିଡିପିଓ, ସମସ୍ତ ବି.ଏଲ୍.ଓ, ମୁଁ ବି ମିତା କାମ୍ପସ ଆମ୍ବାସାଡର , ପି.ଏନ.କଲେଜ, ଓମେନସ କଲେଜର ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ ।ଷ୍ଟାଡିୟମ ଠାରେ କୁମ୍ବୋ ଆକ୍ଟ ,ଓଡ଼ିଶା, ଘୋଡ଼ା ନାଚ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପଂଚତତ୍ତ୍ୱରେ ବିଲୀନ ହେଲେ ସ୍ୱରୂପ ନାୟକ

ଭୁବନେଶ୍ୱର, ୨୮/୧୦ (ନି.ପ୍ର): ବିଶିଷ୍ଟ ସଙ୍ଗୀତକାର ତଥା ଗୀତିକାର ଓ ଅଭିନେତା ସ୍ୱରୂପ ନାୟକ ଆଜି ପଞ୍ଚ ପଂଚତତ୍ୱରେ ବିଲୀନ ହୋଇଛନ୍ତି । କଟକ ସତୀଚଉରାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ଏହା ପୂର୍ବରୁ ତାଙ୍କୁ ଏକ ଶୋଭାଯାତ୍ରାରେ ସତୀଚଉରାକୁ ଅଣାଯାଇଥିଲା । ସତୀଚଉରାରେ କଟକ ମେୟର ସୁବାସ ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।ଉଲ୍ଲେଖନୀୟ ଯେ ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକ, ଗୀତିକାର, କଣ୍ଠଶିଳ୍ପୀ, ଅଭିନେତା ସ୍ୱରୂପ ନାୟକଙ୍କର ଗତକାଲି ପରଲୋକ ଘଟିଥିଲା । ଶ୍ରୀ ନାୟକ ଫୁସ୍‌ଫୁସ୍ କର୍କଟରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ । ତାଙ୍କ ପାର୍ଥିବ ଶରୀରକୁ କଟକ ସିଡିଏ ସେକ୍ଟର-୮ସ୍ଥିତ ବାସଭବନରେ ଶେଷଦର୍ଶନ ପାଇଁ ରଖାଯାଇଥିଲା ।

# କନ୍ଧମାଳରେ ଖସୁଛି ପାରଦ ବଢୁଛି ଶୀତ

କନ୍ଧମାଳ, ୨୮/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ତଥା ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଧିରେ ଧିରେ ତାପମାତ୍ରା ଖସିବାରେ ଲାଗିଛି । ଏହା ସହିତ ଜିଲ୍ଲାରେ ଶୀତର ପ୍ରକୋପ ମଧ୍ୟ ସେହି ଅନୁପାତରେ ବଢିବାରେ ଲାଗିଛି । ଆଜି ଜିଲ୍ଲାର ଦାରିଙ୍ଗବାଡିରେ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ ରହିଥିବା ଏବଂ ଫୁଲବାଣୀରେ ମଧ୍ୟ ୧୪ ଡିଗ୍ରୀ ତାପମାତ୍ରା ଥିବା ନେଇ ଜିଲ୍ଲା ପାଣିପାଗ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଗତ ସପ୍ତାହରେ ହଠାତ୍ ଜିଲ୍ଲାରେ ତାପମାତ୍ରା ଖସିଆସି ଦାରିଙ୍ଗବାଡିରେ ୧୫ ଡିଗ୍ରୀ ଏବଂ ଫୁଲବାଣିରେ ୧୭ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଥିଲା । ଗତ କିଛି ବର୍ଷ ହେଲା ଅକ୍ଟୋବର ମାସରେ ତାପମାତ୍ରା ତଳକୁ ଆସିନଥିବା ବେଳେ ଚଳିତ ବର୍ଷ ଶିଘ୍ର ଶୀତର ଆଗମନ ହୋଇଥିବା ଦେଖିବାକୁ ମିଳିଛି ।

# ବବର ଖାଲସାର ୪ ଆତଙ୍କବାଦୀ ଗିରଫ: ଅସ୍ତ୍ରଶସ୍ତ୍ର ଜବତ

ଚଣ୍ଡୀଗଡ଼, ୨୮/୧୦ : ପଞ୍ଜାବ ପୋଲିସ ଆତଙ୍କବାଦୀ ସଂଗଠନ ବବର ଖାଲସା ଇଂଟରନେଶନାଲର ୪ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ ଶନିବାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ମୋହାଲି ଜିଲ୍ଲା ପୋଲିସ ଦ୍ୱାରା ଗିରଫ ହୋଇଥିବା ଏହି ଆତଙ୍କବାଦୀ ମାନେ ପର୍ବ ସମୟରେ ଟାର୍ଗେଟ୍ କିଲିଂ କରି ପଞ୍ଜାବର ମାହୋଲ୍ ଖରାପ କରିବା ଲକ୍ଷ୍ୟରେ ଥିଲେ । ଏନେଇ ଅଧିକ ସୂଚନା ଦେଇ ଡିଜିପି ଶ୍ରୀ ଯାଦବ କହିଛନ୍ତି ଯେ, ମୋହାଲି ପୋଲିସର ସିଆଇଏ ୱିଙ୍ଗ ଏହି ଆତଙ୍କବାଦୀଙ୍କୁ ଧରିବାରେ ସଫଳ ହୋଇଛି । ଏହି ସଂଗଠନର ସଦସ୍ୟ ମାନଙ୍କର ସମ୍ପର୍କ ପାକିସ୍ତାନରେ ବସିଥିବା ଆତଙ୍କବାଦୀ ହରବିନ୍ଦର ସିଂହ ରିନ୍ଦା ସହିତ ଥିଲା । ରିନ୍ଦାର ଆତଙ୍କବାଦୀ ସଂଗଠନ ବି.କେ.ଆଇ. ସହିତ ମିଶି ଏମାନେ ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର ତସ୍କରୀ କରୁଥିଲେ । ଗିରଫ ଅଭିଯୁକ୍ତ ମାନେ ଡ୍ରୋନ୍ ସହାୟତାରେ ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର ମଗାଇ ପଞ୍ଜାବରେ ଯୋଗାଉଥିଲେ । ସେମାନଙ୍କ ନିକଟରୁ ୬ଟି ବିଦେଶୀ ପିସ୍ତଲ, ୨୭୫ ଜୀବନ୍ତ କାରତୁସ୍ ମଧ୍ୟ ଜବତ ହୋଇଛି । ପୋଲିସ ପକ୍ଷରୁ ଏ ସମ୍ପର୍କରେ ସେମାନଙ୍କୁ ଅଧିକ ପଚରା ଉଚୁରା ଜାରି ରହିଛି ।

# ନୀଳଗିରିରେ 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମରୁ ସଂଗୃହୀତ ଅମୃତ କଳସ ମାଟିକୁ ଦିଲ୍ଲୀ ପ୍ରେରଣ

ନୀଳଗିରି , ୨୮/୧୦ (ନି.ପ୍ର): ଭାରତ ବର୍ଷର ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ସମଗ୍ର ଭାରତରେ 'ମୋଦେଶ ମୋମାଟି'କାର୍ଯ୍ୟକ୍ରମ ମାଧ୍ୟମରେ ମାଟି ସଂଗ୍ରହ କରାଯାଇଥିଲା । ଓଡ଼ିଶାରେ ପ୍ରତ୍ୟେକ ବ୍ଲକରୁ ସଂଗୃହିତ ମାଟିକୁ ଶନିବାର ଭୁବନେଶ୍ୱରଠାରେ ଉକ୍ତ ଅମୃତ କଳସକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ପ୍ରଦାନ କରାଯାଇଛି ।ନୀଳଗିରି ବ୍ଲକରୁ ଦେବାଶିଷ ଆଚାର୍ଯ୍ୟ ଓ ଅମୀୟ କୁମାର ପ୍ରଧାନ ଏବଂ ଔପଦା ବ୍ଲକରୁ ପ୍ରମୋଦ କୁମାର ବେହେରା, ରାଜେନ୍ଦ୍ର ଜେନା, ନିରାକାର ସ୍ୱାଇଁ, ଗୋପୀବଲ୍ଲଭ ରାଉତ ପ୍ରମୁଖ ସଂଗୃହିତ ମାଟିକୁ ନେଇଥିଲେ । ଏହାପରେ ଏହି ମାଟି କଳସିକୁ ଆଜି ଭୁବନେଶ୍ୱରରୁ ସ୍ପେଶାଲ ଟ୍ରେନ ଯୋଗେ ଦିଲ୍ଲୀକୁ ପଠାଯାଇଥିଲା । ସମଗ୍ର ଦେଶରୁ ସଂଗୃହିତ ମାଟିକୁ ଦିଲ୍ଲୀର କର୍ତ୍ତବ୍ୟ ପଥରେ ଦେଶର ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଏକ ଅମୃତ ବାଟିକା ନିର୍ମାଣ କରାଯିବା ପାଇଁ ସ୍ଥିର କରାଯାଇଛି । ଉକ୍ତ ବାଟିକା ନିର୍ମାଣ ହେଲେ ଏହା ଆମ ଦେଶର ଉତ୍ତର ପିଢ଼ି ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ସଙ୍ଗେ ସଙ୍ଗେ ଆଗାମୀ ଭବିଷ୍ୟତ ପାଇଁ ମୁକ ସାକ୍ଷୀ ହୋଇ ରହିବ ।

# ଦିବ୍ୟାଙ୍ଗଜନଙ୍କ ପାଇଁ ଚିହ୍ନଟ ଶିବିର ଅନୁଷ୍ଠିତ

ବାସୁଦେବପୁର, ୨୮/୧୦ (ନି.ପ୍ର): ବାସୁଦେବପୁର ଅଟଳବିହାରୀ ହାଇସ୍କୁଲ ପରିସରରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଏ ଆଇ ଡି ପି ଯୋଜନା ରେ ଦିବ୍ୟାଙ୍ଗ ଜନ ମାନଙ୍କ ନିମନ୍ତେ ଏବଂ ରାଷ୍ଟ୍ରୀୟ ୱୟୋଶ୍ରୀ ଯୋଜନା ରେ ବି ପି ଏଲ ଶ୍ରେଣୀ ର ବରିଷ୍ଠ ନାଗରିକ ମାନଙ୍କ ପାଇଁ ସହାୟକ କୃତ୍ରିମ ଯନ୍ତ୍ରପାତି ଉପକରଣ ବଣ୍ଟନ ପାଇଁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ରେ ମାନ୍ୟବର ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ,ବିଡ଼ିଓ ସଂଜୀବ ସାହୁ, ପୌର ପାଳିକା ଅଧକ୍ଷ ନିବେଦିତା ବେହେରା, ବିଜେଡି ର ବରିଷ୍ଠ ନେତା ସମାଜ ସେବୀ ଭାଗିରଥି ବଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର ଦାସ, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ଶିକ୍ଷାବିତ ଦୁଃଶାସନ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଓ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ପ୍ରଶଂସା କରିଥିଲେ । ଓଡିଶା ର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଜନ ହିତକର କାର୍ଯ୍ୟ ଖୁବ ସଫଳତା ଆଣି ଦେଇଛି ବୋଲି ମତ ପ୍ରକାଶ ପାଇଥିଲା । ଏହି ଶିବିରରେ ବିଭିନ୍ନ ଡାକ୍ତର ଯୋଗ ଦେଇ ଥିଲେ ।

# ବ୍ରଜେନ୍ଦ୍ର କୁମାର ପରିଡା ଫାଉଣ୍ଡେସନ ଦ୍ୱାରା ପଥ ଉତ୍ସବରେ ଚିତ୍ର ମାଧ୍ୟମରେ ଭୋଟ ସଚେତନତା

ବାଲେଶ୍ୱର , ୨୮/୧୦ (ନି.ପ୍ର): ବାଲେଶ୍ୱର ସହରରେ ରାହାଗିରିର ଦ୍ୱିତୀୟ ସଂସ୍କରଣ ପଥ ଉତ୍ସବ ମାଧ୍ୟମରେ ଭୋଟର ସଚେତନତା ପାଇଁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଅଭିନ୍ନରୂପେ ଆୟୋଜନ କରିଛି । ଏଥିରେ ବାଲେଶ୍ୱର ରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବ୍ରଜେନ୍ଦ୍ର କୁମାର ପରିଡା ଫାଉଣ୍ଡେସନ ତରଫରୁ ପ୍ରଶାସନ ଦ୍ୱାରା ପ୍ରଦତ୍ତ ଚଉଦ ନଂ ଷ୍ଟଲରେ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଚିତ୍ରମାଧ୍ୟମରେ ସଚେତନତା ପାଇଁ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଜେତାଙ୍କୁ ବରେଣ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ , ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ,ଜିଲ୍ଲା ସୁଚନା ଅଧିକାରୀଙ୍କ ସହ ସମାଜସେବା ତଥା ଆଜିକାଲି ର ମୁଖ୍ୟ ଲକ୍ଷ୍ମୀନାରାୟଣ ମହାନ୍ତି,ମାନବାଧିକାର କର୍ମୀ ସୁଧାକର ସେଠୀ,ଶ୍ରୀଯୁକ୍ତ ପ୍ରଦିପ୍ତକୁମାର ପଣ୍ଡା ,ସଂଗଠନର ଅଧକ୍ଷ ବାସନ୍ତି ମଣୀ ଦାସ ସଭାପତିତ୍ୱ କରିଥିବା ବେଳେ କରିଥିଲେ ଆଭିଶେକ ପରିଡା , ଉପାସନା ପଟ୍ଟନାୟକ ପରିଚାଳନା କରିଥିଲେ ଧନ୍ୟବାଦ ଉଷାରାଣୀ ଦାସ ପ୍ରଦାନ କରିଥିଲେ ।

# ନୀଳଗିରିରେ ରାହାଗିରି ଓ ପଥ ଉତ୍ସବ ମାଧ୍ୟମରେ ଭୋଟର ସଚେତନତା ଅନୁଷ୍ଠିତ

ନୀଳଗିରି, ୨୮/୧୦ (ନି.ପ୍ର): ଭୋଟର ସଚେତନତା ସୃଷ୍ଟି କରିବାପାଇଁ ସମଗ୍ର ରାଜ୍ୟରେ ପଥଉତ୍ସବ ଓ ୱ୍ୱାକଥନ୍ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା ବେଳେ ନୀଳଗିରି ଉପଖଣ୍ଡ ସଦର ମହକୁମା ନୀଳଗିରି ଠାରେ ଶନିବାର ସକାଳ ୭ଘଟିକା ଠାରୁ ୧୦ଘଟିକା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହରର ଗୁଣ୍ଡିଚା ମନ୍ଦିର ରାସ୍ତାର ଉଭୟ ପାର୍ଶ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ୭ଘଟିକାରେ ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପାର୍ଶ୍ୱରୁ ୱ୍ୱାକଥନ୍ ରେ ବାହାରି ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିର ଦେଇ ପୁଣି ଗୁଣ୍ଡିଚା ମନ୍ଦିର ଠାରେ ସମ୍ମିଳିତ ହୋଇଥିଲେ । ଉତ୍ସବ ସ୍ଥଳରେ ଭୋଟର ମାନଙ୍